ସାପ୍ତାହିକ
Postal Regd. No.: SBP/14/2025-2027

# ସ୍ୱୀକାର

The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94

Vol.29 | Issue - 46 | 16 - 22 November 2025 | Sambalpur | Pages- 8 | Invitation Price Rs.10

### ପିଏମ୍ଓର ପ୍ରମୁଖ ସଚିବ ପଦରେ ଦ୍ୱିତୀୟ ସର୍ବାଧିକ କାର୍ଯ୍ୟକାଳ

## ବ୍ରଜେଶ ମିଶ୍ରଙ୍କ ରେକର୍ଡ ଭାଙ୍ଗିଲେ ପ୍ରମୋଦ ମିଶ୍ର

ସମ୍ବଲପୁର: ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ପିଏମ୍ଓର ପ୍ରମୁଖ ସଚିବ ଭାବେ ମୋଟ ୬ ବର୍ଷ ୬୪ ଦିନ କାର୍ଯ୍ୟ କରିଥିବା ସ୍ୱର୍ଗତ ବ୍ରଜେଶ ମିଶ୍ରଙ୍କ ରେକର୍ଡ ଭାଙ୍ଗିଛନ୍ତି ଡକ୍ଟର ପ୍ରମୋଦ କୁମାର ମିଶ୍ର । ଆଇ.ଏଫ୍.ଏସ୍ ଅଧିକାରୀ ସ୍ୱର୍ଗତ ବ୍ରଜେଶ ମିଶ୍ର ପିଏମ୍ଓର



ପି.କେ ମିଶ୍ର

ପ୍ରମୁଖ ସଚିବ ଥିବାବେଳେ କ୍ଷମତା ଅଳିନ୍ଦରେ ବେଶ୍ ପ୍ରଭାବ ବିସ୍ତାର କରିଥିଲେ । ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଦ୍ୱାରକା ପ୍ରସାଦ ମିଶ୍ରଙ୍କ ପୁତ୍ର ବ୍ରଜେଶ ମିଶ୍ର ପିଏମ୍ଓର ପ୍ରମୁଖ ସଚିବ ଥିବାବେଳେ ଦେଶର ପ୍ରଥମ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍.ଏସ୍.ଏ) ଭାବେ ମଧ ନିଯୁକ୍ତ ହୋଇଥିଲେ । ପୋଖରନରେ ପରମାଣୁ ବୋମା ପରୀକ୍ଷଣ ଭଳି ଅନେକ ଜଟିଳ ନିଷ୍ପତ୍ତି ନେବାରେ ବ୍ରଜେଶ ମିଶ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ।

ପିଏମ୍ଓର ପ୍ରମୁଖ ସଚିବ ପଦରେ ବ୍ରଜେଶ ମିଶ୍ର ମୋଟ ୬ ବର୍ଷ ୬୪ ଦିନ କାର୍ଯ୍ୟ କରିଥିବାବେଳେ ଗତ ୧୪ ତାରିଖ ସମ୍ବଲପୁର ମାଟିର ପୁଅ ଡକ୍ଟର ପ୍ରମୋଦ କୁମାର ମିଶ୍ର ଏହି ପଦରେ ୬ ବର୍ଷ ୬୪ ଦିନ ପୁରା କରି ସ୍ୱର୍ଗତ ବ୍ରଜେଶ ମିଶ୍ରଙ୍କ କାର୍ଯ୍ୟାବଧିକୁ ଅତିକ୍ରମ କରିଛନ୍ତି । ଫଳରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ପ୍ରମୁଖ ସଚିବ ପଦରେ ସର୍ବାଧିକ କାଳ କାର୍ଯ୍ୟ କରିଥିବା ଅଧିକାରୀଙ୍କ ତାଲିକାରେ ଡକ୍ଟର ପ୍ରମୋଦ କୁମାର ମିଶ୍ର ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଡକ୍ଟର ପ୍ରମୋଦ କୁମାର ମିଶ୍ର ପ୍ରଥମ ଓଡିଆ ଭାବେ ପିଏମ୍ଓର ପ୍ରମୁଖ ସଚିବ ପଦ ମଣ୍ଡନ କରିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ପିଏମ୍ଓର ପ୍ରମୁଖ ସଚିବ ପଦରେ ସର୍ବାଧିକ କାଳ କାର୍ଯ୍ୟ କରିଥିବା ଅଧିକାରୀ ହେଉଛନ୍ତି ଟି.କେ. ଏ.ନାୟାର । ସ୍ୱର୍ଗତ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବାବେଳେ ଶ୍ରୀ ନାୟାର ଏହି ପଦରେ ମୋଟ୍ ୭ ବର୍ଷ ୧୨୮ ଦିନ କାର୍ଯ୍ୟ କରିଥିଲେ । ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞପ୍ତି ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳ ସରିବା ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ । ତେଣୁ ଆସନ୍ତା ଜାନୁଆରୀ ୨୮, ୨୦୨୭ରେ ଶ୍ରୀ ଟି.କେ,ଏ.ନାୟାରଙ୍କ ରେକର୍ଡ ଭଙ୍ଗ କରି ଡକ୍ଟର ପ୍ରମୋଦ କୁମାର ମିଶ୍ର

### ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ତାଲିକା ଏବଂ ତାଙ୍କ କାର୍ଯ୍ୟକାଳ

| କ୍ର.ନଂ | ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ | କାର୍ଯ୍ୟକାଳ/କାର୍ଯ୍ୟାବଧି |
|---|---|---|
| ୧ | ପି.ଏନ୍. ହକ୍ସର | ୬.୧୨.୭୧ ରୁ ୨୮.୦୨.୧୯୭୩ (୧ ବର୍ଷ ୨ ମାସ ୨୩ ଦିନ) |
| ୨. | ଭି. ଶଙ୍କର | ୪.୪.୧୯୭୭ ରୁ ୩୧.୭.୧୯୭୯ (୨ ବର୍ଷ ୩ ମାସ ୨୮ ଦିନ) |
| ୩. | ଡକ୍ଟର ପି.ସି. ଆଲେକ୍‌ଜାଣ୍ଡର | ୨.୫.୧୯୮୧ ରୁ ୧୮.୧.୧୯୮୫ (୩ ବର୍ଷ ୮ ମାସ ୧୭ ଦିନ) |
| ୪. | ବି.ଜି. ଦେଶମୁଖ | ୨୭.୦୩.୧୯୮୯ ରୁ ୧୧.୧୨.୧୯୯୦ (୧ ବର୍ଷ ୮ ମାସ ୧୫ ଦିନ) |
| ୫. | ଏସ୍.କେ. ମିଶ୍ର | ୧୧.୧୨.୧୯୯୦ ରୁ ୨୪.୦୬.୧୯୯୧ (୬ ମାସ ୧୪ ଦିନ) |
| ୬. | ଏ.ଏନ୍. ବର୍ମା | ୨୫.୬.୧୯୯୧ ରୁ ୧୫.୫.୧୯୯୬ (୪ ବର୍ଷ ୧୦ ମାସ ୨୧ ଦିନ) |
| ୭. | ଟି.ଆର୍.ସତିଶଚନ୍ଦ୍ରନ୍ | ୧୨.୦୬.୧୯୯୬ ରୁ ୩୦.୦୩.୧୯୯୭ (୯ ମାସ ୧୯ ଦିନ) |
| ୮. | ଏନ୍.ଏନ୍. ଭୋରା | ୦୧.୦୭.୧୯୯୭ ରୁ ୧୯.୦୩.୧୯୯୮ (୮ ମାସ ୧୯ ଦିନ ) |
| ୯. | ବ୍ରଜେଶ ମିଶ୍ର | ୧୯.୦୩.୧୯୯୮ ରୁ ୨୨.୦୫.୨୦୦୪ (୬ ବର୍ଷ ୨ ମାସ ୪ ଦିନ) |
| ୧୦. | ଟି.କେ.ଏ. ନାୟାର | ୨୮.୦୫.୨୦୦୪ ରୁ ୦୩.୧୦.୨୦୧୧ (୭ ବର୍ଷ ୪ ମାସ ୬ ଦିନ) |
| ୧୧. | ପୁଲକ୍ ଚାଟାର୍ଜୀ | ୦୩.୧୦.୨୦୧୧ ରୁ ୨୬.୦୫.୨୦୧୪ (୨ ବର୍ଷ ୭ ମାସ ୨୪ ଦିନ) |
| ୧୨. | ନୃପେନ୍ଦ୍ର ମିଶ୍ର | ୨୮.୦୫.୨୦୧୪ ରୁ ୧୧.୦୯.୨୦୧୯ (୫ ବର୍ଷ ୩ ମାସ ୧୫ ଦିନ) |
| ୧୩. | ଡକ୍ଟର ପି.କେ ମିଶ୍ର | ୧୧.୦୯.୨୦୧୯ ରୁ ଅଦ୍ୟାବଧି |

ପିଏମ୍ଓର ପ୍ରମୁଖ ସଚିବ ଭାବରେ ସର୍ବାଧିକ କାଳ କାର୍ଯ୍ୟ କରିଥିବା ଅଧିକାରୀ ତାଲିକାର ଶୀର୍ଷ ସ୍ଥାନରେ ରହିବେ ।



✓ ବ୍ରଜେଶ ମିଶ୍ର

### ପିଏମ୍ଓର ପ୍ରଥମ ଅତିରିକ୍ତ ପ୍ରମୁଖ ସଚିବ

୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ପିଏମ୍ଓର ପ୍ରଥମ ଅତିରିକ୍ତ ପ୍ରମୁଖ ସଚିବ ଭାବେ ଡକ୍ଟର ପ୍ରମୋଦ କୁମାର ମିଶ୍ର ନିଯୁକ୍ତି ପାଇଥିଲେ । ଏହି ପଦବୀରେ ସେ ମୋଟ୍ ୫ ବର୍ଷ ୧୦୫ ଦିନ କାର୍ଯ୍ୟ କରିଥିଲେ । ତାଙ୍କ ପରେ ଏହି ପଦରେ ଅଦ୍ୟାବଧି ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ ।

### ପିଏମ୍ଓ ପ୍ରମୁଖ ସଚିବ ପଦର ଇତିହାସ

ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟକାଳରେ ପିଏମ୍ଓର ପ୍ରମୁଖ ସଚିବ ପଦ ସୃଷ୍ଟି ହୋଇଥିଲା । ୧୯୭୧ ମସିହାରେ ସ୍ୱର୍ଗତା ଗାନ୍ଧୀ ପି.ଏନ୍.ହକ୍ସର୍‌ଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ପ୍ରଥମ ଶାସନ ସଚିବ ରୂପେ ନିଯୁକ୍ତି ଦେଇଥିଲେ । ଏହି ପଦବୀରେ ଡକ୍ଟର ପ୍ରମୋଦ ମିଶ୍ରଙ୍କୁ ମିଶାଇ ଅଦ୍ୟାବଧି ୧୩ ଜଣ କାର୍ଯ୍ୟ କଲେଣି । ଜୱାହାର୍‌ଲାଲ ନେହେରୁଙ୍କ ସମୟରେ ଭାରତ ସରକାରଙ୍କ ଜଣେ ଯୁଗ୍ମ ସଚିବ ପାହ୍ୟାର ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ ସଚିବାଳୟର ସର୍ବୋଚ୍ଚ ଅଧିକାରୀ ରୂପେ କାର୍ଯ୍ୟ କରୁଥିଲେ । କିନ୍ତୁ ଲାଲ୍ ବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମ ଥର ପାଇଁ ଭାରତ ସରକାରଙ୍କ ପ୍ରମୁଖ ଶାସନ ସଚିବ ପାହ୍ୟାର ଅଧିକାରୀ ଲକ୍ଷ୍ମୀକାନ୍ତ ଝାଙ୍କୁ ତାଙ୍କର ସଚିବ ନିଯୁକ୍ତି ଦେଇଥିଲେ ।

## ନୂଆପଡ଼ା ଆସନରେ ବିଜେପିର ବାଜିମାତ୍



ନୂଆପଡ଼ା: ୧୧ ବର୍ଷ ପରେ ନୂଆପଡ଼ାରେ ପୁଣି ଥରେ ପଦ୍ମ ଫୁଟିଛି । ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆ ତାଙ୍କ ନିକଟତମ ପ୍ରାର୍ଥୀ କଂଗ୍ରେସର ଘାସିରାମ ମାଝୀଙ୍କୁ ୮୩ ହଜାର ୭୪୮ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି ।

ବିଜେପି ପ୍ରାର୍ଥୀ ଜୟଙ୍କୁ ୧ ଲକ୍ଷ ୨୩ ହଜାର ୮୬୯ ଖଣ୍ଡ ଭୋଟ ମିଳିଛି । କଂଗ୍ରେସ ପ୍ରାର୍ଥୀ ଘାସିରାମ ୪୦ ହଜାର ୧୨୧ଟି ଭୋଟ ପାଇଥିଲା ବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮ ହଜାର ୪୦୮ ଖଣ୍ଡ ଭୋଟ ପାଇଛନ୍ତି ।

ସବୁଠାରୁ ବଡ଼ କଥା ହେଲା, ବିଜେଡିର ଗଡ଼ କୁହାଯାଉଥିବା ଏହି ଆସନରେ ବିଜେଡି ପ୍ରଥମଥର ପାଇଁ ତୃତୀୟ ସ୍ଥାନକୁ ଖସିଯାଇଛି । ଘାସିରାମ ମାଝୀ ଗତ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପାଇଥିବା ଭୋଟ ତୁଳନାରେ ଏଥର କମ୍ ପାଇଥିଲେ ବି ଏଥର କଂଗ୍ରେସ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ୪୮୯ ଭୋଟ, ଓଡ଼ିଶା ଜନତା ପାର୍ଟିର ଶୁକ୍ଳଧର ଦଣ୍ଡସେନା ୧୬୭ ଭୋଟ, ସ୍ୱାଧୀନ ପ୍ରାର୍ଥୀ ଲୋଚନ ସିଂହ ମାଝୀ ୨୧୩୭ ଭୋଟ, ଲକ୍ଷ୍ମୀକାନ୍ତ ତାଣ୍ଡି ୧୩୨୨ ଭୋଟ, କିଶୋର ବାଗ ୭୪୩ ଭୋଟ, ଭୁବନଲାଲ ସାହୁ ୭୨୧ ଭୋଟ, ହେମନ୍ତ ତାଣ୍ଡି ୬୬୨ ଭୋଟ, ଚକ୍ରାନ୍ତ ଜେନା ୫୨୯ ଭୋଟ, ଭକ୍ତବନ୍ଧୁ ଧରୁଆ ୫୧୧ ଭୋଟ, ନୀତା ବାଗ ୫୨୯ ଭୋଟ ଏବଂ ଆଶ୍ରୟ ମହାନନ୍ଦ ୧୯୧ ଭୋଟ ପାଇଛନ୍ତି ।

ଜୟ ଢ଼ୋଲକିଆଙ୍କ ବିଜୟ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ମନ୍ତ୍ରୀ ଓ ବିଧାୟକମାନେ ଶୁଭେଚ୍ଛା ଜଣାଇଛନ୍ତି । ଏହା ନୂଆପଡ଼ା ବିଧାନସଭା କ୍ଷେତ୍ରର ଜନତାଙ୍କ ବିଜୟ ବୋଲି ସେମାନେ କହିଛନ୍ତି । ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ । ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢ଼ୋଲକିଆ ବିଜୟୀ ହୋଇଥିଲେ । ରାଜେନ୍ଦ୍ରଙ୍କ ବିଜୟ ବ୍ୟବଧାନ ୧୦,୮୮୧ ଥିଲା । ତେବେ ପୁଅ ଜୟ ତାଙ୍କ ପ୍ରଥମ ପଦାର୍ପଣରେ ବଡ଼ ବ୍ୟବଧାନରେ ବିଜୟ ହାସଲ କରି ନୂଆପଡ଼ା ରାଜନୀତିରେ ରେକର୍ଡ ସ୍ଥାପନ କରିଛନ୍ତି ।

## କୁଡ଼ାଲୋଇ ନର୍ଥ- ଏ କୋଲ ବ୍ଲକ ବେଦାନ୍ତକୁ ଦିଆଯିବାକୁ ଗ୍ରାମବାସୀଙ୍କ ବିରୋଧ

ସମ୍ବଲପୁର: ଝାରସୁଗୁଡ଼ା ଜିଲ୍ଲାର ଶିଳ୍ପ ଧାରଣ କ୍ଷମତା ପୁରା ହୋଇଯାଇଥିବା ବାବଦରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ପଷ୍ଟ ଭାବେ ସୂଚାଇ ଥିବା ବେଳେ ସରକାର ସେଥିପ୍ରତି ଦୃଷ୍ଟି ନ ଦେଇ ଝାରସୁଗୁଡ଼ା ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ନୂଆଁ ଶିଳ୍ପ ପ୍ରତିଷ୍ଠା କିମ୍ବା ବର୍ତ୍ତମାନ ଥିବା ଶିଳ୍ପାନୁଷ୍ଠାନର ସଂପ୍ରସାରଣ ପାଇଁ ଅନୁମତି ଦେବାରେ ଲାଗିଛନ୍ତି । ଏପରିକି ବେଦାନ୍ତ କାରଖାନାକୁ ଲିଜ୍‌ରେ ଦିଆଯାଇଥିବା ଲଖନପୁର ତହସିଲର ଇବ୍ ଭ୍ୟାଲି କୋଲଫିଲ୍ଡ ଅଧିନରେ ଥିବା କୁଡାଲୋଇ ଏ -ନର୍ଥକୋଲ ବ୍ଲକକୁ ବେଆଇନ ବୋଲି ଘୋଷଣା କରିବାକୁ ହାଇକୋର୍ଟରେ ଏକ ମୋକଦ୍ଦମା ବିଚାରାଧିନ ଥିବା ବେଳେ ସେଥିପାଇଁ ଆସନ୍ତା ୧୭ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ କରାଯାଉଛି । ପ୍ରାକୃତିକ ବନ ସଂପଦ ରେ ପରିପୂର୍ଣ୍ଣ ଏହି ଅଞ୍ଚଳ ବେଦାନ୍ତ କାରଖାନାର ଖଣି ଖନନ ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା କରି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏହି ପ୍ରକଳ୍ପ ଯୋଗୁଁ ଲଖନପୁର ତହସିଲର ପିପିଲିମାଲ, ଧଉରାମୁଣ୍ଡା, କୁଡାଲୋଇ, ବେଲପାହାଡ଼, ବଞ୍ଜାରୀ ଏବଂ ବରତାପ ବିଶେଷ କ୍ଷତିଗ୍ରସ୍ତ ହେଉଥିଲେ ହେଁ କେବଳ ବଞ୍ଜାରୀ ଓ କୁଡାଲୋଇରେ ଜନ ଶୁଣାଣୀ କରାଯାଉଥିବା ନେଇ ଗ୍ରାମବାସୀ ମାନେ ପ୍ରଶ୍ନ ଉଠାଇଛନ୍ତି । ଗତ ୨୦୨୩ ମସିହା ଅଗଷ୍ଟ ୧ ତାରିଖରେ ଏହି ପ୍ରକଳ୍ପ ପାଇଁ ହୋଇଥିବା ଜନଶୁଣାଣୀ ବେଳେ ପ୍ରସ୍ତାବିତ ବିଜ୍ଞାପିତ ଲୋକଙ୍କ ବଦଳରେ ଅନ୍ୟ ଲୋକଙ୍କୁ ଅଣା ଯାଇଥିବାର ଅଭିଯୋଗ ହୋଇଥିଲା । ଅପର ପକ୍ଷରେ ସ୍ଥାନୀୟ ଲୋକମାନଙ୍କୁ ମିଲନ୍ ଛକରେ ପୋଲିସ ଅଟକ ରଖିଥିଲା । ଫଳରେ ପୋଲିସ ଓ ସ୍ଥାନୀୟ ଲୋକ ମୁହାଁମୁହିଁ ହେବା ଯୋଗୁଁ ଉତ୍ତେଜନା ଦେଖା ଦେଇଥିଲା । ୨୦୨୩ ମସିହା ପିପିଲିମାଲ ଠାରେ ହୋଇଥିବା ଜନଶୁଣାଣୀରେ ଦେଖା ଦେଇଥିବା ପରିସ୍ଥିତିର ଆସନ୍ତା ୧୭ ତାରିଖ ଦିନ ହେବାକୁ ଥିବା ଜନଶୁଣାଣୀ ବେଳେ ପୁନରାବୃତ୍ତି ହେବାର ଆଶଙ୍କା କରି ବଞ୍ଜାରୀ ଗାଁର ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ଜନଶୁଣାଣୀ ତଥା ଗ୍ରାମସଭାରେ ଏଥର ସ୍ଥାନୀୟ ଲୋକଙ୍କ ପ୍ରବେଶକୁ ସୁନିଶ୍ଚିତ କରିବା ପାଇଁ କହିଛନ୍ତି । ପ୍ରକଳ୍ପରେ ପ୍ରଭାବିତ ହେବାକୁ ଥିବା ସମସ୍ତ ଗ୍ରାମବାସୀ ଯେମିତି ଜନଶୁଣାଣୀରେ ଅଂଶ ଗ୍ରହଣ କରି ନିଜ ନିଜ ମତ ଓ ପରାମର୍ଶ ଦେଇ ପାରିବେ ତାର ବ୍ୟବସ୍ଥା କରିବାକୁ ସରପଞ୍ଚ ସୀମା ସାହୁ ଓ ଧନଞ୍ଜୟ ଭୋଇ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

ସେହିପରି ବଞ୍ଜାରୀ ଓ କୁଡାଲୋଇ ଗ୍ରାମର ଶତାଧିକ ପ୍ରଜା ଗତ ୧୪ ତାରିଖ ଦିନ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଏହି ପ୍ରକଳ୍ପ ପାଇଁ ସେମାନଙ୍କର ରୟତି ଜମି ଦିଆ ନ ଯିବାକୁ ଏକ ସ୍ମାରକ ପତ୍ର ଦେଇଛନ୍ତି । ଏହି ପ୍ରକଳ୍ପ ପାଇଁ ହୋଇଥିବା ସାମାଜିକ ସମୀକ୍ଷା ମୁଲ୍ୟାଙ୍କନ ଅଧ୍ୟୟନ ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଏବଂ ନିରୀହ ଆଦିବାସୀ ପରିବାରଙ୍କୁ ପ୍ରଲୋଭିତ ଓ ପ୍ରଭାବିତ କରି ପ୍ରସ୍ତୁତ କରାଯାଇଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଏହି ପ୍ରକଳ୍ପ କାର୍ଯ୍ୟକାରୀ କରା ନ ଯିବାକୁ ହାଇକୋର୍ଟରେ ଉପାଲି ସୁନିତା ରାଓ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ବେଦାନ୍ତକୁ ଏହି ପ୍ରକଳ୍ପ ଜଙ୍ଗଲ ବିଭାଗର ନୀତିନିୟମ ନ ମାନି ଦେଇଥିବାର ସେ ଅଭିଯୋଗ କରି ଏହା କାର୍ଯ୍ୟକାରୀ ହେଲେ ଅଞ୍ଚଳବାସୀଙ୍କ ଜୀବନ ଓ ଜୀବିକା ବିଶେଷ ପ୍ରଭାବିତ ହେବ ବୋଲି କହିଛନ୍ତି । ସେହିପରି ଘଞ୍ଚ ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ ଲିଲାରୀ ନାଳ ଓ ହଞ୍ଜାକୁମା ସମେତ ଅନ୍ୟାନ୍ୟ ଜଳସ୍ରୋତ ବାଧାପ୍ରାପ୍ତ ହେବ ବୋଲି ରୂପାଲି ତାଙ୍କ ଆବେଦନରେ ହାଇକୋର୍ଟକୁ କହିଛନ୍ତି । ଏହି ମୋକଦ୍ଦମା ଏବେ ହାଇକୋର୍ଟରେ ବିଚାରାଧିନ ରହିଛି । ଉଲ୍ଲେଖନୀୟ ଯେ, ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ କାରଖାନା ୨୦୦୭ ମସିହାରୁ ପ୍ରତିଷ୍ଠା ହେବା ଦିନଠାରୁ ଖୋଲାଖୋଲି ଭାବେ ସମସ୍ତ ସରକାରୀ ନିୟମର ଉଲ୍ଲଂଘନ କରି ଆସୁଥିବାର ଅଭିଯୋଗ ହେଉଛି । ଏହି କାରଖାନାର ପ୍ରଦୂଷଣରେ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡିଲେଣି । ହୋଲଡିଂ ଟେକସ୍, ରୟାଲଟି, ଭୂତଳ ଜଳଟିକସ ଏବଂ ଲେବର ସେସ୍ ଭଳି ସରକାରୀ ରାଜସ୍ୱ ପୈଠ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି । କାରଖାନା ପରିସରରେ ବେଆଇନ ଭାବେ ଏକ ଟାଉନସିପ୍ ପ୍ରତିଷ୍ଠା କରି ସେ ବାବଦରେ ଦେୟ ଝାରସୁଗୁଡ଼ା ମ୍ୟୁନିସିପାଲିଟିକୁ ପୈଠ କରୁ ନ ଥିବାର ଅଭିଯୋଗ ହୋଇଛି ।

# ନୂଆପଡ଼ା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ହିଁ ବାଜିଗର

ଭୁବନେଶ୍ୱର : ନୂଆପଡ଼ା ବିଧାନସଭା ଉପ ନିର୍ବାଚନରେ ବିଜେପିର ବିଶାଳ ବିଜୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୧୭ ମାସର ଶାସନ କାଳ ଉପରେ ରାଜ୍ୟବାସୀଙ୍କ ମୋହର ସଦୃଶ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ ବିଜେଡି ହାତରୁ ବିଜେପି ନୂଆପଡ଼ା ଆସନ ଛଡ଼ାଇ ଆଣିଛି । ମୋହନଙ୍କ ସଫଳ ରାଜନୈତିକ ଗୋଟି ଚାଳନା ଯୋଗୁଁ ଏହି ଉପନିର୍ବାଚନରେ ବିଜୟ ହାସଲ କରିଛି ବିଜେପି । ଏହାସହ ବିଧାନସଭାରେ ବିଜେପି ସଦସ୍ୟ ସଂଖ୍ୟା ୭୯କୁ ବୃଦ୍ଧି ପାଇଛି ।



ନିର୍ବାଚନରେ ୫୮.୨୭% ଭୋଟ ପାଇଥବା ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୮୩, ୭୪୮ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସର ଘାସିରାମ ମାଝୀଙ୍କୁ ପରାସ୍ତ କରିଛନ୍ତି । ଏହି ନିର୍ବାଚନ ଫଳାଫଳ ରାଜ୍ୟ ରାଜନୀତି ଉପରେ ଦୀର୍ଘମିଆଦି ପ୍ରଭାବ ପକାଇବାକୁ ଯାଉଛି । ପ୍ରଥମ ଦିନରୁ ହିଁ ନିଜେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆପଡ଼ା ଉପ ନିର୍ବାଚନର ମଙ୍ଗ ଧରିଥିଲେ । ପ୍ରାର୍ଥୀ ମନୋନୟନରୁ ଆରମ୍ଭ କରି ନିର୍ବାଚନ ପରିଚାଳନା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଗତ ଅକ୍ଟୋବର ୪ରେ ସେ ଜୟଙ୍କୁ ପ୍ରାର୍ଥୀ କରିବା ନିମନ୍ତେ ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ସହ ଦିଲ୍ଲୀରେ ଆଲୋଚନା କରିବା ପରେ ବିଜେଡିରୁ ବିଜେପିକୁ ଜୟଙ୍କ ପ୍ରବେଶ ବାଟ ଫିଟିଥିଲା । ଅକ୍ଟୋବର ୬ରେ ନିର୍ବାଚନ ଘୋଷଣା ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ନୂଆପଡ଼ା ଯାଇ ୧୧୦୧ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଘୋଷଣା କରିଥିଲେ । ତତ୍‌ସଙ୍ଗେ ଖରିଆର ରୋଡ଼୍ ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦେବା ସହ ସିନାପାଲି ଓ କୋମନାକୁ ଏନଏସି ଘୋଷଣା କରିଥିଲେ । ତାହା ପୂର୍ବରୁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାବାସୀ ମୋତେ ସବୁବେଳେ ଭେଟି ପାରିବେ ବୋଲି କହିଥିଲେ । ଗତ କିଛି ଦିନ ଧରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି, ସୌମ୍ୟାଶ୍ରୀ ଆତ୍ମଦାହ, ବଲାଙ୍ଗୀ ମହିଳା ନିର୍ଯାତନା, ମହିଳା ବିରୋଧୀ ହିଂସା ବୃଦ୍ଧି, ବ୍ରହ୍ମପୁରରେ ବିଜେପି ନେତାଙ୍କ ହତ୍ୟା, ବିଏମ୍‌ସି ଅଧିକାରୀଙ୍କୁ ବିଜେପି ନେତାଙ୍କ ମାଡ଼ମରା ଘଟଣା ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ମୋହନ ସରକାରଙ୍କ ଉପରେ ପ୍ରଶ୍ନ ଉଠିବା ସହ ତାଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେଉଥିଲା । ଓଡ଼ିଶାର ଡବଲ ଇଞ୍ଜିନ ସରକାର ସ୍ଥାଣୁ ବୋଲି ବିରୋଧୀ ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ନିଶାଣ କରୁଥିଲେ । କିନ୍ତୁ ନୂଆପଡ଼ା ଉପନିର୍ବାଚନ ଫଳାଫଳ ମୋହନ ସରକାରଙ୍କ ୧୭ ମାସର କାର୍ଯ୍ୟକାଳକୁ ସ୍ୱୀକୃତି ଦେଇଛି । ଏହି ଫଳାଫଳ ଶ୍ରୀ ମାଝୀଙ୍କ ଶାସନ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସାଙ୍ଗଠନିକ ଦକ୍ଷତାକୁ ପ୍ରମାଣ କରିଛି । ଏହା ଦ୍ୱାରା ମୁଖ୍ୟମନ୍ତ୍ରୀ ଓ ଦଳୀୟ ସଙ୍ଗଠନ ଉପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଆସ୍ଥା ବଢ଼ିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭରସା କରି ମୋହନ ମାଝୀଙ୍କୁ ଯେଉଁ ଦାୟିତ୍ୱ ପ୍ରଦାନ କରିଥିଲେ ସେଥିରେ ସେ ସଫଳ ହୋଇଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରୁଛନ୍ତି ।

# ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ପ୍ରତିଷ୍ଠା ଦିବସ ଓ କର୍ମକର୍ତ୍ତା ନିର୍ବାଚନ



ସମ୍ବଲପୁର : ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ପଞ୍ଚଦଶ ପ୍ରତିଷ୍ଠା ଦିବସ ଧମା ନିକଟସ୍ଥ ନୂଆଗାଁରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଲାଙ୍ଗୀରର ଶ୍ରୀକର ମିଶ୍ର, ବରଗଡ଼ର ଲଳିତ ଭୋଇ ଓ ରାଜେନ୍ଦ୍ର ବେହେରା, ସୁବର୍ଣ୍ଣପୁରର କରମଚାନ୍ଦ ମହାନ୍ତି, କନ୍ଧମାଳର ଅଜୟ କହଁର, ଦେବଗଡ଼ର ରୋହିତ ପ୍ରଧାନ, ଦିଲ୍ଲୀପ ବଡ଼େଇ, ଶାନ୍ତନୁ ମହାକୁଡ଼ ଓ ଭରତ ସାହୁ ଯୋଗଦେଇ ପରିଷଦର ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ଲାଗି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଏହାଛଡା ସୁବର୍ଣ୍ଣପୁର ଜିଲ୍ଲାର ମହିଳା ସଂକୀର୍ତ୍ତନ ଗାୟିକା ଦୀପଞ୍ଜଳୀ ଦାସଙ୍କୁ ସଂକୀର୍ତ୍ତନ ପରିବେଷଣ କରିବା ପାଇଁ ସୁଯୋଗ ଦେବାକୁ ମହିଳା କୀର୍ତ୍ତନ ମହାସଂଘକୁ ଅନୁରୋଧ କରାଯାଇଥିଲା । ଏହି ଅବସରରେ ଆସନ୍ତା ତିନି ବର୍ଷ ପାଇଁ ପରିଷଦର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର କ୍ରମାଗତ ତୃତୀୟ ଥର ପାଇଁ ସଭାପତି ନିର୍ବାଚିତ ହୋଇଥିବା ବେଳେ ଲୋକନାଥ ମିଶ୍ର ଉପସଭାପତି, ମାନଭଞ୍ଜନ ନାୟକ ସମ୍ପାଦକ, ବଳରାମ ମାହାନା କୋଷାଧକ୍ଷ ଏବଂ ଅରୁଣ ସାହୁ ସହ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଉପଦେଷ୍ଟା ଭାବେ ଶ୍ରୀକର ମିଶ୍ର, ରାଜେନ୍ଦ୍ର ଅଗ୍ରୱାଲ, ରାଜେନ୍ଦ୍ର ବେହେରା, ଲଳିତ ଭୋଇ, କରମଚାନ୍ଦ ମହାନ୍ତି, ରୋହିତ ପ୍ରଧାନ ଓ ଧନଞ୍ଜୟ ବାରିକ, ପ୍ରଚାର ପ୍ରସାର କମିଟିର ସଦସ୍ୟ ଭାବେ ମାନଭଞ୍ଜନ ନାୟକ, ରାଧେକୃଷ୍ଣ ପଣ୍ଡା, ରାଧାକାନ୍ତ ପାଣିଗ୍ରାହୀ, ଅନିଲ ଦାସ, ବଳରାମ ମାହାନା, ଅରୁଣ ସାହୁ, କୃଷ୍ଣଚନ୍ଦ୍ର ବଡ଼େଇ, ରାଜେନ୍ଦ୍ର ବେହେରା ଓ ଲଳିତ ଭୋଇ ନିର୍ବାଚିତ ହୋଇଥିଲେ । ସେହିପରି ତୁଷାର ରଞ୍ଜନ ବାରିକ ପରିଷଦର ସଂଯୋଜକ ଓ ସନ୍ତୋଷ କୁମାର ବାରିକ ସହ-ସଂଯୋଜକ ରୂପେ ନିର୍ବାଚିତ ହୋଇଥିଲେ ।

# ହସଖୁସୀରେ ଜୀବନଯାପନ କରନ୍ତୁ

**ଖୁ**ସିର ସମ୍ବନ୍ଧ ମନର ପ୍ରସନ୍ନତା ସହିତ ରହିଛି । ଯଦି ବ୍ୟକ୍ତି ଖୁସିରେ ଅଛି ତ ତା'ର ମୁଖମଣ୍ଡଳରେ ପ୍ରସନ୍ନତାର ମନୋଭାବ ଏବଂ ହାଲୁକା ମୃଦୁହସ ରହିଥାଏ । ଖୁସିର ଏହି କ୍ଷଣ ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ କ୍ଷଣ ହୋଇଥାଏ, କାରଣ ଏହି କ୍ଷଣରେ ଆମେ ସ୍ମୃତି ଯୁକ୍ତ ଓ ଚାପମୁକ୍ତ ହେବା ସହିତ ବହୁତ ପ୍ରସନ୍ନ ହୋଇଥାଉ । ଏ ସଂସାରରେ ବ୍ୟକ୍ତି ନିଜର ଖୁସି ଓ ସନ୍ତୁଷ୍ଟି ନିମନ୍ତେ ବହୁତ କିଛି କରିଥାଏ, କିନ୍ତୁ ତଥାପି ତାକୁ ସେହି ଖୁସି ମିଳିପାରେ ନାହିଁ, ବରଂ ଏହାର ଠିକ୍ ବିପରୀତ ଚାପ ଓ ସମସ୍ୟା ହିଁ ତାକୁ ମିଳିଥାଏ ।

ଆମ ଜୀବନରେ ଛୋଟ ଛୋଟ କ୍ଷଣ ଆମକୁ ହସଖୁସି ଦେଇଥାଏ ଏବଂ ଆମକୁ ଚାପମୁକ୍ତ କରିଦିଏ । ହସିଲେ ଯେଉଁ ଖୁସି ମିଳେ ସେହି କାରଣରୁ ବ୍ୟକ୍ତି କିଛି ସମୟ ପାଇଁ ହେଲେ ବି ବିଚାରଗୁଡିକର ଚାପରୁ ମୁକ୍ତ ହୋଇଥାଏ । ତା' ସହିତ ସବୁ ପ୍ରକାର ଚିନ୍ତା ଓ ସମସ୍ୟାରୁ ମୁକ୍ତ ହୋଇଯାଏ । ଏହିପରି ହସର କ୍ଷଣ ଜୀବନର ସେହି ସୁନ୍ଦର ମୁହୂର୍ତ୍ତ ଅଟେ, ଯାହା ଆମ ଜୀବନରେ ଆସୁଥିବା ଚିନ୍ତା ଓ ସମସ୍ୟାଗୁଡିକର ଚାପକୁ କିଛି ସମୟ ପାଇଁ ଆମ ଠାରୁ ଦୂର କରିଦିଏ ଏବଂ ଆମକୁ ଏତେ ଉର୍ଜାବାନ୍ କରିଦିଏ ଯେପରି ଆମେ ନିଜ କାର୍ଯ୍ୟରୁ ଏଗୁଡିକୁ ଦୂର କରି ପାରିବୁ ।

ହସଖୁସିର ନାମ ହିଁ ଜୀବନ । ଯେଉଁ ବ୍ୟକ୍ତିମାନେ ସର୍ବଦା କାନ୍ଦନ୍ତି, ପ୍ରତ୍ୟେକ ପରିସ୍ଥିତିରେ ତ୍ରୁଟି ବାହାର କରନ୍ତି, ପ୍ରତ୍ୟେକ ଜିନିଷରେ ଦୋଷ ଖୋଜନ୍ତି- ଏପରି ଲୋକଙ୍କ ଜୀବନ ବ୍ୟର୍ଥ ହୋଇଯାଏ, କାରଣ ଦୋଷ ଖୋଜିବା, ସର୍ବଦା କାନ୍ଦିବା ଦ୍ୱାରା ସେମାନେ ନିଜ ଜୀବନରେ ବହୁମୂଲ୍ୟ କିଛି ହାସଲ କରି ପାରନ୍ତି ନାହିଁ ଏବଂ ଯଦି କିଛି ବହୁମୂଲ୍ୟ ପ୍ରାପ୍ତ କରିନିଅନ୍ତି ତ ତାହାର ମୂଲ୍ୟ ବୁଝି ପାରନ୍ତି ନାହିଁ ଅଥବା ତାହାର ବିଶିଷ୍ଟତା ପରଖି ପାରନ୍ତି ନାହିଁ ।

ଜୀବନରେ ହସ ଆମ ଭିତରର ଆନନ୍ଦର ବାହ୍ୟ ଅଭିବ୍ୟକ୍ତି ଅଟେ । ଖୁସିକୁ ଯେତେବେଳେ ଆମେ ନିଜ ଭିତରେ ରଖିପାରି ନ ଥାଉ ତ ତାକୁ ଆମେ ହସ ରୂପେ ବାହାରେ ବିଛାଡ଼ି ଦେଉ ଏବଂ ଏହି ଖୁସି ପ୍ରସାରିତ ହୋଇ ଅନ୍ୟମାନଙ୍କୁ ବି ନିଜର ସୁଗନ୍ଧ ଦ୍ୱାରା ସୁଗନ୍ଧିତ କରିବାରେ ଲାଗେ ଅର୍ଥାତ ଅନ୍ୟମାନଙ୍କୁ ବି ଖୁସି କରିଦିଏ । ହସଖୁସୀ ଏପରି ଏକ ସମ୍ପଦ, ଯାହାକୁ ଅଧିକ ସମୟ ପର୍ଯ୍ୟନ୍ତ ଅଟକାଇ ରଖାଯାଇ ନ ପାରେ, ଏହାକୁ ବିଛାଡିବାକୁ ହିଁ ପଡିଥାଏ ଏବଂ ଏହାକୁ ବିଛାଡିବାରେ, ବାଣ୍ଟିବାରେ ବ୍ୟକ୍ତିର ଆନନ୍ଦ ଦୁଇ ଗୁଣ, ତିନି ଗୁଣ ଓ ଅନେକ ଗୁଣ ହୋଇଯାଏ, କାରଣ ଯେତେ ଲୋକଙ୍କ ମଧ୍ୟରେ ଏହାକୁ ବଣ୍ଟାଯାଏ, ଏହା ସେତେ ଗୁଣ ହୋଇଯାଏ ।

ଯେଉଁମାନେ ହସନ୍ତି ନାହିଁ, ସେମାନଙ୍କ ଜୀବନରେ ଉଦାସ ନିଜର ଡେରା ପକାଇ ଥାଏ, ଯେପରି ଘରମାନଙ୍କରେ ବୁଢ଼ିଆଣୀ ନିଜର ଜାଲ ବୁଣିଥାଏ ତଥା ଏହି ଜାଲ ବହୁତ ଘନ ଓ ଗଭୀର ହୋଇଗଲେ ସେହି ସ୍ଥାନ ଧୂଆଁଳିଆ ଦେଖାଯାଏ । ବୁଢ଼ିଆଣୀମାନଙ୍କର ଏହି ଜାଲ ଏତେ ଦୁର୍ବଳ ହୋଇଥାଏ ଯେ ଥରେ ତା ଉପରେ ଝାଡୁ ମାରିଦେଲେ ତାହା ଭାଙ୍ଗି ନଷ୍ଟ ହୋଇଯାଏ । ସେହିପରି ସର୍ବଦା ଉଦାସ ଓ ଦୁଃଖୀ ରହିବା ଦ୍ୱାରା ମନ ଉପରେ ଏପରି ଏକ ଜାଲ ବୁଣି ହୋଇଯାଏ । ଫଳରେ ଆମକୁ ନିଜର ଅସ୍ତିତ୍ୱ ହିଁ ଦେଖାଯାଏ ନାହିଁ । ଜୀବନରେ ସୁଖଦ ସମ୍ଭାବନା ଦେଖାଯାଏ ନାହିଁ । ହସଖୁସିର କ୍ଷଣ ସେହି ଝାଡୁ ସମାନ ହୋଇଥାଏ, ଯାହା ମନର ଉଦାସ ରୂପୀ ଜାଲକୁ କ୍ଷଣିକ ମଧ୍ୟରେ ନଷ୍ଟ କରିଦିଏ ଏବଂ ମନକୁ ସଫାସୁତୁରା କରିଦିଏ ।

ହସଖୁସିର କ୍ଷଣରେ ବ୍ୟକ୍ତି ବୈରଭାବ ବି ଭୁଲିଯାଏ । ନିଜର ଦୁଃଖ କଷ୍ଟ ଅସୁବିଧା ଭୁଲିଯାଏ । ଏହି କ୍ଷଣରେ ସେ କେବଳ ଖୁସିରେ ହିଁ ଜିଇଥାଏ । ଆମର ଗୁରୁଜନମାନେ କହି ଆସୁଛନ୍ତି ଯେ ହସ ଓ ପେଟ ଫୁଲାଅ, କାରଣ ହସିବା ଦ୍ୱାରା ପେଟର ବ୍ୟାୟାମ ସବୁଠାରୁ ଅଧିକ ହୋଇଥାଏ । ପେଟର ବ୍ୟାୟାମ ହେଲେ ତାହା ସୁସ୍ଥ ରହିଥାଏ, ତାହାର ଅଙ୍ଗପ୍ରତ୍ୟଙ୍ଗ ଉତ୍ତମ ରୂପେ କାର୍ଯ୍ୟ କରିଥାଏ । ଯଦି ବ୍ୟକ୍ତିର ପେଟ ସୁସ୍ଥ ଥାଏ ତ ସେ ମଧ୍ୟ ସୁସ୍ଥ ରହିଥାଏ । ପେଟ ମାଧ୍ୟମରେ ହିଁ ଖାଦ୍ୟ ହଜମ ହୁଏ ଏବଂ ପୋଷଣ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗରେ ପହଞ୍ଚି ଥାଏ ।

ହସଖୁସୀ କେବଳ ଆମର ସ୍ୱାସ୍ଥ୍ୟ ସମ୍ବର୍ଦ୍ଧନ କରି ନ ଥାଏ, ବରଂ ଏହାର ଆମର ଆୟୁ ମଧ୍ୟ ବଢ଼ାଇ ଥାଏ, କାରଣ ବ୍ୟକ୍ତି ଯେତେ ସୁସ୍ଥ ହୋଇଥାଏ, ତା'ର ଜୀବନ ସେତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିପାରେ । ଯେଉଁ ବ୍ୟକ୍ତିର ଶରୀର ରୋଗଗ୍ରସ୍ତ ହୋଇଥାଏ, ତାହା ସେତେ କମ୍ ସମୟ ପର୍ଯ୍ୟନ୍ତ ତା' ସହିତ ରହିପାରେ । ହସ ସଂସାରର ସମସ୍ତ କଳା ମଧ୍ୟରେ ସର୍ବୋତ୍କୃଷ୍ଟ କାରଣ ଏହା ଦ୍ୱାରା ବ୍ୟକ୍ତିର ଅଗଣିତ ଲାଭ ହୋଇଥାଏ ଏବଂ ଆଜିକାଲି ତ ହାସ୍ୟକଳା ବ୍ୟକ୍ତିର ରୋଜଗାରର ବି ଏକ ମାଧ୍ୟମ ହୋଇଯାଇଛି । ଜଣେ ୟୁନାନୀ ବିଦ୍ୱାନଙ୍କ ମତରେ ସର୍ବଦା ବିରକ୍ତ ହେଉଥିବା ହେରାକ୍ଲିଟସ ନାମକ ବିଚାରକ ବହୁତ କମ୍ ବର୍ଷ ବଞ୍ଚିଲେ, ତ ପ୍ରସନ୍ନଚିତ୍ତ ମନ ଯୁକ୍ତ ଡେମୋକ୍ରିଟସ ୯୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଲେ, ଅର୍ଥାତ୍ ଏହି ଦୁନିଆ ସେହି ଲୋକମାନଙ୍କୁ ସ୍ମରଣ କରେ, ଯେଉଁମାନେ ସର୍ବଦା ପ୍ରସନ୍ନ ରହିବାର କଳା ଜାଣନ୍ତି ଏବଂ ସ୍ୱୟଂ ହସନ୍ତି ତଥା ଅନ୍ୟକୁ ହସାନ୍ତି ।

ହସଖୁସୀର ଏହି ସମ୍ପଦ ଭଲା ଲୋକଙ୍କୁ ଦେଖା ନ ଗଲେ ମଧ୍ୟ କେବଳ ଶାରୀରିକ ହାବଭାବ ଓ ବାଣୀ ଦ୍ୱାରା ଏହାର ଅଭିବ୍ୟକ୍ତି ହୋଇଥାଏ, କିନ୍ତୁ ତଥାପି ଏହା ଅମୂଲ୍ୟ । ଯାହା ପାଖରେ ଏହି ସମ୍ପଦ ଥାଏ, ସେହି ବ୍ୟକ୍ତି ବହୁତ ବିଶେଷ ହୋଇଥାନ୍ତି । କାର୍ଲାଇଲ ଜଣେ ରାଜକୁମାର ଥିଲେ । ସେ ସଂସାର ତ୍ୟାଗ କରି ଦେଇଥିଲେ । ତାଙ୍କ କଥାନୁସାରେ ଯିଏ ଭିତରୁ ସ୍ୱାଭାବିକ ଢ଼ଙ୍ଗରେ ହସିଥାଏ, ସେହି ବ୍ୟକ୍ତି କେବେ ଖରାପ ହୋଇ ନ ଥାଏ । ତେଣୁକରି ହସିବାର ଅଭ୍ୟାସ କର, କାରଣ ତୁମେ ହସିଲେ ତୁମକୁ ଭଲ ଲାଗିବ । ନିଜର ବନ୍ଧୁମାନଙ୍କୁ ହସାଅ । ସେମାନେ ଅଧିକ ପ୍ରସନ୍ନ ହେବେ ଓ ତୁମ ସହିତ ଅଧିକ ନିକଟତା ରଖିବେ । ନିଜ ଶତ୍ରୁକୁ ହସାଇଲେ ସେ ତୁମ ପ୍ରତି ଅତି କମ୍ ଘୃଣା କରିବ ।

ସେ କହୁଥିଲେ ଯେ ଜଣେ ଅଚିହ୍ନା ବ୍ୟକ୍ତିକୁ ହସାଅ, ସେ ତୁମ ଉପରେ ଭରସା କରିବ । ଜଣେ ଉଦାସ ବ୍ୟକ୍ତିକୁ ହସାଅ, ତା'ର ଦୁଃଖ ଲାଘବ ହେବ । ଜଣେ ନିରାଶ ବ୍ୟକ୍ତିକୁ ହସାଅ, ସେ ଜୀବନରେ ଆଶାର ସନ୍ଧାନ କରିବ । ଜଣେ ବାଳକକୁ ହସାଅ, ତା'ର ସ୍ୱଭାବ ଓ ସ୍ୱାସ୍ଥ୍ୟ ଉତ୍ତମ ରହିବ । ଆଗକୁ ସେ ଜଣେ ପ୍ରସନ୍ନ ମନୁଷ୍ୟ ହେବ । ଏହା ମଧ୍ୟ ଧ୍ୟାନ ରଖିବା କଥା ଯେ ଜୀବନର ଉଦ୍ଦେଶ୍ୟ କେବଳ ହସ ନୁହେଁ ।

ଆମକୁ ନିଜର ଏଇ ଜୀବନରେ ବହୁତ ଜରୁରୀ କାମ ବି କରିବାକୁ ହେବ । ସେହି କାର୍ଯ୍ୟଗୁଡିକୁ କରିବାରେ ନିଶ୍ଚିତ ରୂପେ ଆମେ ଗମ୍ଭୀର ହୋଇଯାଉ ଏବଂ ଆମର ହସ ଗାଏବ ହୋଇଯାଏ । ନିଜର ଦିନଚର୍ଯ୍ୟାରେ ହସକୁ ସାମିଲ କରି ଆମେ କିଛି ସମୟ ପାଇଁ ହେଉ ପଛକେ, ନିଜ ଜୀବନର ଗମ୍ଭୀରତା ଓ ଜଟିଳତାରୁ ମୁକୁଳି ପାରିବା ଏବଂ ନିଜ କାର୍ଯ୍ୟରେ ତଲ୍ଲୀନ ହୋଇ ପାରିବା । ନଦୀରେ ପହଁରିବା ସମୟରେ ଶ୍ୱାସ ନେବା ପାଇଁ ମୁଣ୍ଡକୁ ପାଣି ଉପରକୁ ଉଠାଇବାକୁ ହୋଇଥାଏ ଏବଂ ମୁହଁ ଖୋଲି ଶ୍ୱାସ ନେବାକୁ ପଡ଼ିଥାଏ । ଥରେ ଯଦି ଶ୍ୱାସ ନିଆଯାଏ ତ କିଛି ସମୟ ପାଇଁ ଶ୍ୱାସ ଛାଡି ଗଭୀର ପାଣିକୁ ଯାଇ ହୁଏ, କିନ୍ତୁ ପୁଣି ଶ୍ୱାସ ନେବା ପାଇଁ ଉପରକୁ ଆସିବାକୁ ହୋଇଥାଏ । ପାଣି ଭିତରେ ବ୍ୟକ୍ତି ଶ୍ୱାସ ନେଇ ପାରିବ ନାହିଁ । ସେ କେବଳ ସେତେବେଳେ ଶ୍ୱାସ ନେଇ ପାରିବ, ଯେତେବେଳେ ତା' ସହିତ ଅକ୍ସିଜେନ ସିଲିଣ୍ଡର ଥିବ । ଏହିପରି ଗମ୍ଭୀରତାର କ୍ଷଣରେ ହସର ମୁହୂର୍ତ୍ତ ଠିକ୍ ସେହିପରି ହୋଇଥାଏ, ଯେଉଁଥିରେ ବ୍ୟକ୍ତି ନିଜର ମୁଣ୍ଡକୁ ଜଳ ସ୍ତରର ଉପରକୁ ଉଠାଇ ଦୀର୍ଘ ଗଭୀର ଶ୍ୱାସ ନେଇଥାଏ ଏବଂ ପୁଣି କିଛି ସମୟ ସକାଶେ ପାଣି ଭିତରକୁ ଚାଲିଯାଏ । ଜୀବନରେ ନିଜର କାର୍ଯ୍ୟ ପ୍ରତି ଗମ୍ଭୀରତା ଭଲ କଥା, କିନ୍ତୁ ସର୍ବଦା ଏହି ଗମ୍ଭୀରତା ବଜାୟ ରଖିଲେ ବ୍ୟକ୍ତି ନିଜର ସହଜତା ହରାଇ ବସେ । ହସଖୁସୀ ବ୍ୟକ୍ତିର ଏହି ଗମ୍ଭୀରତାକୁ ହରଣ କରିନିଏ ଏବଂ ତାକୁ ମନରେ ଏତେ ହାଲୁକା କରିନିଏ ଯେ ଗମ୍ଭୀରତାର ଆନନ୍ଦ ମଧ୍ୟ ମନକୁ ପସନ୍ଦ ଲାଗିଥାଏ । ଏହିପରି ହସଖୁସୀ ଅତର ଶିଶିରୁ ବାହାରୁଥିବା ସେହି ସୁଗନ୍ଧ ପରି ହୋଇ ହୋଇଥାଏ, ଯାହା ନିଜେ ମହକିବା ସଙ୍ଗେ ସଙ୍ଗେ ନିଜ ପରିବେଶକୁ ବି ନିଜର ସୁଗନ୍ଧ ଦ୍ୱାରା ପରିପୂର୍ଣ୍ଣ କରିଦିଏ । ତେଣୁକରି ସର୍ବଦା ହସଖୁସୀର ଜୀବନଯାପନ କରିବା ଉଚିତ ।

# ମହାଭାରତ ଆଦ୍ୟ ପର୍ବ: ଧୃତରାଷ୍ଟ୍ର, ପାଣ୍ଡୁ ଓ ବିଦୂର ଜନ୍ମ



ଡକ୍ଟର ପ୍ରମୋଦ କୁମାର ପଣ୍ଡା

**ଦେ**ବବ୍ରତଙ୍କ ଆଜୀବନ ଅବିବାହିତ ରହିବାର ଭୀଷ୍ମ ପ୍ରତିଜ୍ଞାରେ ସନ୍ତୁଷ୍ଟ ନିଶାଦରାଜ ଯୋଜନଗନ୍ଧାଙ୍କ ବିବାହ ହସ୍ତିନାପୁର ନରେଶ ଶାନ୍ତନୁଙ୍କ ସହ ସମ୍ପନ୍ନ କରିବାକୁ ରାଜିହେଲେ । ମହର୍ଷି ପରାଶରଙ୍କ ତପୋବଳରେ ମତ୍ସ୍ୟଗନ୍ଧାଙ୍କ ଦୁର୍ଗନ୍ଧ ଚିରକାଳ ସକାଶେ ଅପସାରିତ ହୋଇଥିଲା ଓ ସେ ଗନ୍ଧଯୁକ୍ତ ହୋଇଥିଲେ । ତାଙ୍କ ଶରୀରର ସୁଗନ୍ଧ ଏକ ଯୋଜନ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ମହର୍ଷି ପରାଶରଙ୍କ ମହାଶୀର୍ବାଦରୁ ସେ ମତ୍ସ୍ୟଗନ୍ଧାରୁ ଯୋଜନଗନ୍ଧାରେ ରୂପାନ୍ତରିତ ହୋଇଥିଲେ । ସେହିଦିନଠୁ ସତ୍ୟବତୀଙ୍କ ଅନ୍ୟ ଏକ ନାମ ପଡିଥିଲା ଯୋଜନଗନ୍ଧା ।

ଭୀଷ୍ମଦେବ ସତ୍ୟବତୀଙ୍କୁ ଘେନି ହସ୍ତିନାପୁର ଫେରିଲେ । ପିତାଙ୍କ ଇଛା ପୂରଣ କରିପାରି ଥିବାରୁ ସେ ଥିଲେ ଖୁବ ଆନନ୍ଦିତ । ମାତା ସତ୍ୟବତୀଙ୍କୁ ପିତା ଶାନ୍ତନୁଙ୍କୁ ସମର୍ପଣ ପୂର୍ବକ ପ୍ରଣିପାତ ହେଲେ । ଆମୁଳଚୁଳ ସମସ୍ତ ଘଟଣା ବର୍ଣ୍ଣନା କଲେ । ପିତା ପ୍ରତି ପୁତ୍ରର ମହାନ ତ୍ୟାଗରେ ଗର୍ବିତ ଶାନ୍ତନୁ ତାଙ୍କୁ ଆଶୀର୍ବାଦ ପ୍ରଦାନ କଲେ । ଇଛାମୃତ୍ୟୁର ବର ଦେଲେ । ଯେତେ କାଳ ଚାହିଁବେ ଅମର ରହିବେ । ତାଙ୍କ ଇଛା ବିରୁଦ୍ଧରେ କାଳ ତାଙ୍କୁ ସ୍ପର୍ଶ କରିପାରିବ ନାହିଁ ବୋଲି ବଚନ ଦେଲେ ।

ଶାନ୍ତନୁ ସତ୍ୟବତୀଙ୍କ ବିବାହ ହେଲା । କାଳାତିକ୍ରମେ ତାଙ୍କର ଦୁଇ ପୁତ୍ର ସନ୍ତାନ ଜନ୍ମ ନେଲେ । ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ । ପିତାଙ୍କ ମୃତ୍ୟୁ ଅନ୍ତେ ଚିତ୍ରାଙ୍ଗଦ ହସ୍ତିନାପୁର ରାଜା ହେଲେ । ସେତେବେଳେ ଚିତ୍ରାଙ୍ଗଦ ନାମକ ଜଣେ ଗନ୍ଧର୍ବ ଥିଲେ । ଅନ୍ୟ କାହାରି ଚିତ୍ରାଙ୍ଗଦ ନାମ ତାଙ୍କୁ ସ୍ୱୀକାର୍ଯ୍ୟ ନ ଥିଲା । ଫଳତଃ ରାଜା ଓ ଗନ୍ଧର୍ବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ଗନ୍ଧର୍ବ ଚିତ୍ରାଙ୍ଗଦ ପ୍ରବଳ ପରାକ୍ରମୀ ଥିଲେ । ତାସହିତ ମାୟାବୀ ମଧ । ତେଣୁ ଯୁଦ୍ଧରେ ରାଜା ଚିତ୍ରାଙ୍ଗଦ ନିହତ ହେଲେ । ତାଙ୍କର ମୃତ୍ୟୁ ହେଲା । ବାଳକ ବିଚିତ୍ରବୀର୍ଯ୍ୟ ହସ୍ତିନାପୁର ରାଜା ଘୋଷିତ ହେଲେ । ଭୀଷ୍ମଦେବଙ୍କ ପରାମର୍ଶ ଓ ଦିଗଦର୍ଶନରେ ରାଜ୍ୟ ଶାସନ ଚାଲିଲା । ବିଚିତ୍ରବୀର୍ଯ୍ୟ ଯୁବାବସ୍ଥାରେ ପଦାର୍ପଣ କଲେ । ବିବାହ ସମୟ ଆସିଲା । କାଶୀ ନରେଶ କାଶ୍ୟଙ୍କ ତିନି କନ୍ୟା ଅମ୍ବା, ଅମ୍ବିକା ଓ ଅମ୍ବାଳିକାଙ୍କୁ ଭୀଷ୍ମଦେବ ନିଜର ସାବତ ଭାଇ ବିଚିତ୍ରବୀର୍ଯ୍ୟଙ୍କ ବିବାହ ପାଇଁ ସ୍ୱୟମ୍ବର ସଭାରୁ ବଳପୂର୍ବକ ହରଣ କରିଥିଲେ । କାଶୀ ସ୍ୱୟମ୍ବର ସଭାକୁ ଭୀଷ୍ମଦେବଙ୍କ ଏକାକୀ ଯିବା ଏକ ଭୂଲ ଥିଲା । ସ୍ୱୟମ୍ବରରେ ଉପସ୍ଥିତ ରାଜାମାନେ ପରିଣତ ବୟସ୍କ ଭୀଷ୍ମଙ୍କୁ ଦେଖି ଉପହାସ କରିଥିଲେ । ବିଚିତ୍ରବୀର୍ଯ୍ୟଙ୍କ ପାଇଁ ଜଣେ କନ୍ୟା ଚୟନ କରିବା ଥିଲା ତାଙ୍କ ଉଦ୍ଦେଶ୍ୟ । କିନ୍ତୁ ସ୍ୱୟମ୍ବର ସଭାରେ ଭର୍ତ୍ସିତ ହେବା କାରଣରୁ କ୍ରୋଧରେ ସମବେତ ସମସ୍ତ ରାଜାଙ୍କୁ ପରାସ୍ତ କରି ସେ ତିନି କାଶୀ ରାଜକୁମାରୀଙ୍କୁ ବଳପୂର୍ବକ ରଥରେ ବସାଇ ହସ୍ତିନାପୁର ଘେନି ଆସିଥିଲେ । ଅମ୍ବା ସାଳଟ ନାମକ ଜଣେ ରାଜାଙ୍କୁ ପୂର୍ବରୁ ପ୍ରେମ କରୁଥିଲେ । ତାଙ୍କୁ ଭୀଷ୍ମଦେବ ମୁକ୍ତ କରିଥିଲେ । ମଧମା ଏବଂ କନିଷ୍ଠା କନ୍ୟା ଅମ୍ବିକା ଓ ଅମ୍ବାଳିକାଙ୍କ ସହ ବିଚିତ୍ରବୀର୍ଯ୍ୟଙ୍କ ବିବାହ ହୋଇଥିଲା । ବିବାହ ପରେ ପ୍ରେମାଶକ୍ତ ରାଜା ବିଚିତ୍ରବୀର୍ଯ୍ୟ କ୍ଷୟ ରୋଗରେ ପୀଡିତ ହେଲେ । ଅକାଳରେ ନିଃସନ୍ତାନ ତାଙ୍କର ମୃତ୍ୟୁ ଘଟିଲା । ଚିନ୍ତିତା ରାଣୀ ସତ୍ୟବତୀ ପୁତ୍ର ଭୀଷ୍ମଙ୍କୁ କୁରୁକୁଳ ରକ୍ଷା ପାଇଁ ଅମ୍ବିକା ଓ ଅମ୍ବାଳିକାଙ୍କୁ ପୁତ୍ର ସନ୍ତାନ ପ୍ରଦାନ କରିବାକୁ ଅନୁରୋଧ କଲେ । କିନ୍ତୁ ନିଜ ପ୍ରତିଜ୍ଞାରେ ଅଟଳ ଥିଲେ ଭୀଷ୍ମ । ସୁତରାଂ ସତ୍ୟବତୀଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରିବାକୁ ସେ ବାଧ ହେଲେ । ଏତିକିବେଳେ ସତ୍ୟବତୀଙ୍କୁ ବ୍ୟାସଦେବଙ୍କ କଥା ମନେପଡ଼ିଲା । ସେ ତାଙ୍କୁ ସ୍ମରଣ କଲେ । ବ୍ୟାସଦେବ ନିକଟରେ ନଥିଲେ ସୁଦ୍ଧା ତପ ବଳରେ ଜାଣିପାରିଲେ । ତତକ୍ଷଣାତ ସତ୍ୟବତୀଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଆଜ୍ଞା ଦେବାକୁ ଅନୁରୋଧ କଲେ । ମାତା ସତ୍ୟବତୀ ଅମ୍ବିକା ଓ ଅମ୍ବାଳିକାଙ୍କ ଗର୍ଭରୁ ପୁତ୍ର ଉତ୍ପତ୍ତି ପାଇଁ ଆଦେଶ କଲେ । ନିୟୋଗ ପ୍ରକ୍ରିୟାରେ ପୁତ୍ରୋତ୍ପତ୍ତି ପାଇଁ ମହର୍ଷି ବ୍ୟାସଦେବ ସମ୍ମତ ହେଲେ । ଅମ୍ବିକା ଓ ଅମ୍ବାଳିକାଙ୍କ ନିକଟକୁ ସନ୍ଦେଶ ପଠାଗଲା । ପ୍ରଥମେ ଉଭୟେ ନିଜର ଅସହମତି ପ୍ରକାଶ କଲେ । ପରେ ରାଜ୍ୟର ସ୍ୱାର୍ଥ ଯୋଗୁଁ ରାଣୀ ସତ୍ୟବତୀଙ୍କ ପ୍ରସ୍ତାବରେ ରାଜି ହେଲେ । ପରିଚାରିକା ଦାସୀକୁ ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରିବାକୁ କହିଲେ । ମହର୍ଷି ବ୍ୟାସଦେବଙ୍କୁ ଦେଖି ଅମ୍ବିକା ଲଜ୍ୟାରେ ତାଙ୍କର ଉଭୟ ଆଖି ବନ୍ଦ କରିଦେବା ଯୋଗୁଁ ତାଙ୍କ ଗର୍ଭରୁ ଏକ ନେତ୍ରହୀନ ପୁତ୍ର ସନ୍ତାନ ଜନ୍ମ ନେଲା ଯାହାଙ୍କ ନାମ ଧୃତରାଷ୍ଟ୍ର ରଖାଗଲା । ଅମ୍ବାଳିକା ମହର୍ଷି ବ୍ୟାସଙ୍କ ରୂପରେ ଭୟଭୀତା ହୋଇ ହଳଦିଆ ପଡିଗଲେ । ତେଣୁ ତାଙ୍କ ଗର୍ଭରୁ ପ୍ଲିହା ରୋଗରେ ପୀଡିତ ପୁତ୍ର ସନ୍ତାନଟିଏ ଜନ୍ମ ହେଲା । ପ୍ଲିହାର ଅନ୍ୟ ନାମ ପାଣ୍ଡୁ । ସୁତରାଂ ସେହି ବାଳକର ନାମ ପଡିଲା ପାଣ୍ଡୁ । ରାଜଦାସୀ ନିୟୋଗ କାଳରେ ନିର୍ଭିକ ନିର୍ବିକାର ଥିବାରୁ ତା ଗର୍ଭରୁ ଜାତ ହେଲେ ନୀତିନିଷ୍ଠ ବିଦ୍ୱାନ ବିଦୂର ।

ପୂର୍ବ ଜନ୍ମରେ ନେତ୍ରହୀନ ଧୃତରାଷ୍ଟ୍ର ହଂସ ନାମକ ଗନ୍ଧର୍ବ ଥିଲେ ଓ ପାଣ୍ଡୁ ଥିଲେ ତାଙ୍କ ଭାଇ । ଅନ୍ୟ ଏକ କଥା ଅନୁସାରେ ଧୃତରାଷ୍ଟ୍ର ଜଣେ କୃର ଓ ନିର୍ଦ୍ଦୟ ରାଜା ଥିଲେ । ଏକଦା ଗୋଟିଏ ହଂସ ଓ ତାର ଶାବକମାନଙ୍କ ଆଖି ଫୋଡି ନିର୍ମମ ହତ୍ୟା କରିଥିଲେ । ତାରି ଅଭିଶାପରୁ ଅନ୍ଧ ଭାବେ କୁରୁକୁଳରେ ତାଙ୍କର ଜନ୍ମ । ଅନ୍ୟ ପକ୍ଷରେ ଅଭିଶାପ କାରଣରୁ ଧର୍ମରାଜଙ୍କ ଜନ୍ମ ଶୁଦ୍ର ଗର୍ଭରୁ ବିଦୂର ଭାବେ । ଏକଦା ମାଣ୍ଡବ୍ୟ ମୁନି ମୌନ ବ୍ରତ ଧାରଣ କରି ତପସ୍ୟାମଗ୍ନ ଥିଲେ । ଦଳେ ଚୋର ଚୋରୀ କରି ମୁନିଙ୍କ କୁଟିଆରେ ଆତ୍ମଗୋପନ କଲେ । ଚୋରଙ୍କୁ ଅନୁଧାବନ କରି ରାଜସୈନିକ ମୁନିଙ୍କ ପାଖେ ପହଞ୍ଚିଲେ । କହିଲେ ଆମେ ଦଳେ ଚୋର ଅନ୍ୱେଷଣରେ ଅଛୁ । ସେମାନେ ଚୋରୀ କରି ଲୁଟ ସାମଗ୍ରୀ ସହ ଏପଟେ ଆସିଥିବା ଅନୁମାନ କରାଯାଏ । ଆପଣ ତାଙ୍କୁ ଦେଖିଛନ୍ତି କି ? ମୁନି ମୌନ ବ୍ରତରେ ଥିବାରୁ ନିରୁତ୍ତର ରହିଲେ । ସୈନ୍ୟମାନେ ମୁନିଙ୍କ କୁଟୀରରୁ ଚୋରୀ ସାମଗ୍ରୀ ସହ ଚୋରଙ୍କୁ ଗିରଫ କଲେ । ତାଙ୍କ ମନରେ ଦୃଢ଼ ଧାରଣା ହେଲା ମୁନି ମଧ ଚୋରୀ କାର୍ଯ୍ୟରେ ସାମିଲ ଅଛନ୍ତି । ତେଣୁ ତାଙ୍କୁ ମଧ ରାଜାଙ୍କ ସମ୍ମୁଖରେ ହାଜର କଲେ । ରାଜା ସମସ୍ତ ବିଷୟ ଅବଗତ ହେବାପରେ ସମସ୍ତଙ୍କୁ ଶୂଳୀ ଦେବାକୁ ନିର୍ଦ୍ଦେଶ ଦେଲେ । ମୁନି ଶୂଳୀ ଦଣ୍ଡରେ ଦଣ୍ଡିତ ହେଲେ । ତାଙ୍କୁ ଶୂଳୀରେ ଚଢାଗଲା । ରାତି ପାହି ସକାଳ ହେଲା । ହେଲେ ମୁନିଙ୍କ ପ୍ରାଣ ଛାଡୁ ନ ଥାଏ । ସନ୍ଦେଶ ରାଜାଙ୍କ କାନକୁ ଗଲା । ରାଜା ନିଜ ଭୂଲ ବୁଝି ପାରିଲେ । ମୁନିଙ୍କୁ ଶୂଳୀମୁକ୍ତ କଲେ । କ୍ଷମା ମାଗିଲେ । ମୁନିବର ଉଦାର ଚିତ୍ତରେ କ୍ଷମା କଲେ । ଦୁର୍ଭାଗ୍ୟର କଥା ବହୁତ ପରିଶ୍ରମ ସତ୍ତ୍ୱେ ଶୁଳଟି ବାହାରିଲା ନାହିଁ । ଆଗ ଓ ପଛ ପଟୁ ଶୂଳ କଟା ଗଲା । ପେଟ ଭିତର ଶୂଳ ପେଟ ଭିତରେ ରହିଲା । ସେହି ଅବସ୍ଥାରେ ମାଣ୍ଡବ୍ୟ ମୁନି ତାଙ୍କ ତପସ୍ୟା ପୂର୍ଣ୍ଣ କଲେ । ଦୁର୍ଲଭ ଲୋକ ପ୍ରାପ୍ତ ହେଲେ । ମର୍ତ୍ତ୍ୟଲୋକରୁ ପୁଣ୍ୟଲୋକରେ ନିବାସ ବେଳେ ଏକଦା ଧର୍ମରାଜଙ୍କୁ ସେ ଶୁଳୀଦଣ୍ଡରେ ଦଣ୍ଡିତ ହେବାର କାରଣ ପଚାରିଲେ । ଧର୍ମରାଜ କହିଲେ ସେ ଛୋଟ ଥିବା ବେଳେ ଗୋଟିଏ ପତଙ୍ଗ ଦେହରେ କଣ୍ଟା ଫୋଡିଥିଲେ । ତେଣୁ ତାଙ୍କୁ ଶୂଳୀ ଦଣ୍ଡ ମିଳିଥିଲା । ମାଣ୍ଡବ୍ୟ କହିଲେ ମଣିଷ ବାର ବର୍ଷ ହେବା ପୂର୍ବରୁ ପାପ କଲେ ତାକୁ ଦଣ୍ଡ ମିଳିବା ଅନୁଚିତ । କାରଣ ବାଲ୍ୟକାଳରେ ସେ ପାପପୂଣ୍ୟ ବିଷୟରେ ଅନବଗତ ଥାଏ । ପାପ ଓ ପୂଣ୍ୟ କଣ ଜାଣି ନ ଥାଏ । ତେଣୁ ଅଜାଣତରେ କରିଥିବା ଭୂଲ ପାଇଁ ଶାସ୍ତି ଦେବା ଅନ୍ୟାୟ । ଆଜି ମୁଁ ଘୋଷଣା କରୁଛି ଯେ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ କରିଥିବା ପାପ ପାଇଁ କୌଣସି ଦଣ୍ଡ ମିଳିବ ନାହିଁ । ତାସହିତ ଆପଣଙ୍କ ଅମାର୍ଜନୀୟ ଅନ୍ୟାୟ ପାଇଁ ଆପଣଙ୍କୁ ମୃତ୍ୟୁ ଲୋକରେ ଶୁଦ୍ର ଯୋନିରେ ଜନ୍ମ ନେବାକୁ ପଡ଼ିବ । ବିଦୂର ହେଉଛନ୍ତି ଅଭିଶାପଗ୍ରସ୍ତ ଧର୍ମରାଜ ଯିଏ ବ୍ୟାସଦେବଙ୍କ ନିୟୋଗ ପ୍ରକ୍ରିୟାରୁ ଦାସୀ ଗର୍ଭ ସମ୍ଭୁତ । ଧୃତରାଷ୍ଟ୍ର, ପାଣ୍ଡୁ ଓ ବିଦୂର ତିନି ଭାଇ । ଏକ ପିତା । ମାତା ଭିନ୍ନ ଭିନ୍ନ । ନିଜ ନିଜ କର୍ମ ଫଳ ଭୋଗିବାକୁ ମୃତ୍ୟୁଲୋକରେ ତାଙ୍କ ଜନ୍ମ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**

**ସମ୍ବଲପୁର**

## ଆଜିର ଚିନ୍ତନ

**କୁ**ରୁକ୍ଷେତ୍ରରେ ପାଣ୍ଡବ ଓ କୌରବଙ୍କ ମଧ୍ୟରେ ହେବାକୁ ଯାଉଥିବା ଯୁଦ୍ଧ ପୂର୍ବରୁ ଅର୍ଜୁନଙ୍କ ବିଷାଦ ଖଣ୍ଡନ କରିବା ପାଇଁ ଯୁଦ୍ଧ ପଡ଼ିଆ ମଧ୍ୟରେ ଶ୍ରୀକୃଷ୍ଣ ଗୀତା ଜ୍ଞାନ ଶୁଣାଇଥିଲେ ଅର୍ଜୁନଙ୍କୁ ଅର୍ଜୁନ ବିଷାଦ ଯୋଗରୁ ମୋକ୍ଷସନ୍ୟାସ ଯୋଗ ପର୍ଯ୍ୟନ୍ତ ମୋଟ ଅଠର ଅଧାୟଓ ସାତ ଶହ ଶ୍ଳୋକ ହେଉଛି ଗୀତା । ଜୀବନର ଗୁଢ ରହସ୍ୟ ଓ ଗୁଜ ତତ୍ତ୍ୱ ଗୀତାରେ ବର୍ଣ୍ଣିତ । ସେଥିପାଇଁ ଗୀତାକୁ କୁହାଯାଏ ସର୍ବ ବେଦ ସାର । ଗୀତାର ଦ୍ୱିତୀୟ ଅଧାୟ ସାଂଖ୍ୟଯୋଗ ଅନ୍ତର୍ଗତ ୭୦ ଓ ୭୧ ତମ ଶ୍ଳୋକରେ କାମନାର ପରିତ୍ୟାଗରେ କିପରି ଶାନ୍ତି ମିଳିବ ସେ ବିଷୟରେ ଶ୍ରୀକୃଷ୍ଣ କହିଛନ୍ତି । 'ଆପୂର୍ଯ୍ୟମାଣମ୍ ଅଚଳ ପ୍ରତିଷ୍ଠ ସମୁଦ୍ରମାପଃ ପ୍ରବିଶନ୍ତି ଯହତ । ତଦ୍‌କାମା ଯଂ ପ୍ରବିଶନ୍ତି ସର୍ବେ ସ ଶାନ୍ତିମାସ୍ନୋତି ନ କାମକାମୀ (୭୦) ବିହାୟକାମାନ ଯ ସର୍ବାନ ପୁମାଂଶ୍ଚରତି ନିଃସ୍ପୃହା ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତା (୭୧) ଅର୍ଜୁନଙ୍କୁ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ କହୁଛନ୍ତି, ବିରାଟ ସମୁଦ୍ରକୁ ଦେଖ। ସମୁଦ୍ର ମଧ୍ୟରେ ବର୍ଷାଦିନେ ଯେତେ ନଦୀ ଆସି ମିଶିଲେ ସୁଦ୍ଧା ସେ ସେମିତି ସ୍ଥିର ହୋଇ ଥାଏ । ଆଦୌ ବିଚଳିତ ହୁଏ ନାହିଁ । ଗର୍ବରେ ଫୁଲି ପଡ଼େ ନାହିଁ । ଠିକ ସେପରି ମନରେ ଯେତେ କାମନା ଉଦିତ ହେଲେ ମଧ ଯଦି ବ୍ୟକ୍ତି ସେଥିରେ ବିଚଳିତ ହୁଏ ନାହିଁ ତେବେ ସେ ହିଁ ଏକମାତ୍ର ଶାନ୍ତି ପାଇପାରେ । କିନ୍ତୁ ଯେଉଁ ବ୍ୟକ୍ତି କାମନା ଚରିତାର୍ଥରେ ବ୍ୟସ୍ତ ରହେ ସେ କଦାପି ଶାନ୍ତି ପାଇପାରେ ନାହିଁ । ଅର୍ଥାତ କାମନା ଶାନ୍ତିର ବିନାଶ କରେ ସୁଖର ବିନାଶ କରେ, ଜୀବନରେ ନିରାନନ୍ଦ ଭରି ଦେଇପାରେ । ଶାନ୍ତି ପ୍ରାପ୍ତ ପାଇଁ ସମୁଦ୍ର ପରି ନିଜକୁ ସ୍ଥିର ରଖିବାକୁ ପଡିବ । ଯିଏ ସମୁଦ୍ର ପରି ଅବିଚଳିତ ରହିପାରିବ ସେ ହିଁ ଶାନ୍ତି ପ୍ରାପ୍ତ ହେବ । ଶ୍ରୀକୃଷ୍ଣ ଏହା କହିବାକୁ ଚାହୁଁଛନ୍ତି ଯେଉଁମାନେ ବିଭୁ ପ୍ରାଣ ବ୍ୟକ୍ତି, କୃଷ୍ଣ ଆଶ୍ରିତ ସେମାନେ ଅଚିରେ କାମନାକୁ ପରାହତ କରି ମୂର୍ଖ ଶାନ୍ତି ଲାଭ କରି ପାରନ୍ତି । ପ୍ରକୃତ ଶାନ୍ତି ପାଇବାକୁ ହେଲେ କାମନା, ଅହଂକାର ଓ ସବୁ ମୋର ବୋଲି କହିବା ବା ଭାବିବାକୁ ମନରୁ ପାଶୋରି ଦେବାକୁ ପଡିବ। ହୃଦୟକୁ ବିଭୁ ପଦାଶ୍ରୟୀ କରିବାକୁ ପଡିବ ।

# ବବୁର ବୃକ୍ଷ ଲଗାଇଲେ ଆମ୍ବ ଫଳିବ କିପରି ?

**ଭା**ରତୀୟ ସଂସ୍କୃତି କର୍ମଫଳରେ ବିଶ୍ୱାସ କରେ । ଆମର ଭଲ-ମନ୍ଦ କର୍ମର ଫଳ ଆମକୁ କେବେ ନା କେବେ ଅବଶ୍ୟ ମିଳେ । ଏହା କର୍ମଫଳର ଅକାଟ୍ୟ ସିଦ୍ଧାନ୍ତ । ଯେଉଁ ଫସଲର ମଞ୍ଜି ଆମେ କ୍ଷେତରେ ବୁଣିଥାଉ, ସେହି ଫସଲ ଉତ୍ପନ୍ନ ହୁଏ । ସେହିପରି ଆମେ ଜୀବନରେ ଯାହା ବି କରିଥାଉ, ଯେପରି କରିଥାଉ, ଆମକୁ ସେପରି ଫଳ ପ୍ରାପ୍ତ ହୁଏ । ମନ୍ଦ କର୍ମ କଲେ ଆମକୁ ଫଳ ରୂପେ ଦୁଃଖ ହିଁ ମିଳିଥାଏ ଏବଂ ଭଲ କର୍ମ କଲେ ଆମକୁ ସୁଖ ମିଳିଥାଏ ।

କର୍ମଫଳକୁ ନେଇ ସନ୍ଥ କବୀର କହିଛନ୍ତି –

କାୟା ଖେତ କିସାନ ମନ, ପାପ
ପୁଣ୍ୟ ଦୋ ବୀଜ ।
ବୋୟା ଲୂନେ ଆପନା, କାୟା
କସକୈ ଜୀବ ।।
କରେ ବୁରାଈ ସୁଖ ଚହେଁ, କୈସେ
ପା କୋୟ ।
ରୋପୈ ପେଡ ବବୁଲ କା, ଆମ
କହାଁ ସେ ହୋୟ ।।
ଜହଁ ଯହ ଜିୟରା ପଗୁ ଧରେ,
ବରବତ ବରାବର ସାଥ ।
ଜୋ ହୈ ଲିଖା ନସୀବ ମେ, ଚଲୈ
ନ ଅବିଚଳ ବାତ ।
ବାହିର ସୁଖ –ଦୁଃଖ ଦେନ କୋ,
ହୁକୁମ କରି ମନ ମାଂୟ ।
ଜବ ଉଠେ ମନ ବଖତ, ବାହିର
ରୂପ ଧରି ଆୟା।
ଦୁଃଖ ଲେନେ ଜାବୈ ନହୀ, ଆମ୍ଭେ
ଆଚାବୁଚ ।
ସୁଖ କା ପହରା ହୋୟଗା, ଦୁଃଖ
କରେଗା କୂଚ ।
ତେରା ବୈରୀ କୋୟ ନହୀ, ତେରା
ବୈରୀ ଫୈଲ ।
ଅପନେ ଫୈଲ ମିଟାୟ ଲେ,
ଗଲୀ–ଗଲୀ କର ସୈଲ ।

ଅର୍ଥାତ୍ ଶରୀର କ୍ଷେତ, ମନ କୃଷକ, ପାପ-ପୁଣ୍ୟ ଦୁଇଟି ବୀଜ । ଯାହା ବୁଣାଯିବ, ତାହା କାଟିବାକୁ ମିଳିବ । ମନ୍ଦ କର୍ମ ଜୀବକୁ ଶରୀରରେ ପୀଡ଼ା ଦେଇଥାଏ । କେହି ମନ୍ଦ କର୍ମ କରି ସୁଖ ଚାହିଁଲେ, ତାହା ସେ କିପରି ପାଇବ । ବବୁର ବୃକ୍ଷ ଲଗାଇଲେ ଆମ୍ବ ଫଳ କିପରି ମିଳିବ । ପ୍ରାଣୀ ଯେଉଁଆଡ଼େ ଯାଏ, ତା'ର କର୍ମ ବରାବର ତା' ସାଙ୍ଗରେ ରହିଥାଏ ।

ପ୍ରାରବ୍ଧରେ ଯାହା ରହିଛି, ତାହାକୁ ଭୋଗିବା ନିଶ୍ଚିତ, ତାହା ଟଳି ପାରିବ ନାହିଁ । ମନ ପ୍ରାରବ୍ଧର ରୂପ ଧାରଣ କରି ଭିତରୁ ହିଁ ବାହାରର ସୁଖ-ଦୁଃଖ ଦେବାର ଆଜ୍ଞା ଦେଇଥାଏ । ଯେତେବେଳେ ଭୋଗର ସମୟ ଆସେ, ସେତେବେଳେ ମନ ପ୍ରାରବ୍ଧ ରୂପ ନେଇ ବାହାରେ ପ୍ରକଟ ହୋଇଥାଏ । କେହି ଦୁଃଖ ଆଣିବାକୁ କେଉଁଠିକି ଯାଏ ନାହିଁ, ତାହା ତ ଅଚାନକ ଆସିଯାଏ । ଯେତେବେଳେ କିଛି ସମୟ ପାଇଁ ସୁଖର ସମୟ ଆସେ, ସେତେବେଳେ ଦୁଃଖ ପଳାଇଯାଏ । ଏହିପରି ଜୀବ କର୍ମବଶତଃ ଅନିଚ୍ଛା ସତ୍ତ୍ୱେ ସୁଖ-ଦୁଃଖର ଝମେଲାରେ ପଡ଼ି ରହିଥାଏ ।

ରାମଚରିତ ମାନସର ପ୍ରସ୍ତୁତ ଚଉପଦୀରେ ମାନସକାର ମଧ କର୍ମଫଳର ବିଧାନକୁ ସ୍ପଷ୍ଟ କରିଛନ୍ତି-

କାହୁ ନ କୋଉ ସୁଖ-ଦୁଃଖ କର ଦାତା ।

ନିଜ କୃତ କରମ ଭୋଗ ସବୁ ଭ୍ରାତା ।

ଅର୍ଥାତ୍ କାହାରିକୁ ସୁଖ-ଦୁଃଖ ଦେବାକୁ କେହି ନାହାନ୍ତି । ସମସ୍ତେ ନିଜ ଦ୍ୱାରା କରାଯାଇଥିବା କର୍ମଗୁଡ଼ିକର ଫଳ ଭୋଗନ୍ତି । ସଂସାର ଉପରେ ଦୃଷ୍ଟିପାତ କଲେ ଆମେ କାହାରିକୁ ସୁଖୀ ପାଉ, ତ କାହାରିକୁ ଦୁଃଖୀ । କେହି ସୁଖୀ ବା ଦୁଃଖୀ ହେବା ମାତ୍ର ଏକ ସଂଯୋଗ ନୁହେଁ, ବରଂ ତାହା ପଛରେ ସେମାନଙ୍କ ଦ୍ୱାରା କରାଯାଇଥିବା ଶୁଭ-ଅଶୁଭ, ଭଲ-ମନ୍ଦ, ପାପ- ପୁଣ୍ୟ କର୍ମ ହିଁ ମୂଳ କାରଣ ହୋଇଥାଏ ।

ଏହି ବ୍ରହ୍ମାଣ୍ଡରେ କୌଣସି ଘଟଣା ଅକାରଣରେ ଘଟେ ନାହିଁ । ପ୍ରତ୍ୟେକ ଘଟଣା ପଛରେ କୌଣସି ନା କୌଣସି ବଳିଷ୍ଠ କାରଣ ଅବଶ୍ୟ ଥାଏ । ଏଣୁ ଅକାରଣରେ କେହି ସୁଖ କି ଦୁଃଖ ପାଏ ନାହିଁ । ସୁଖ ଓ ଦୁଃଖର କାରଣ ମନୁଷ୍ୟର ନିଜ କର୍ମ ହିଁ ହୋଇଥାଏ । କୌଣସି କାରଣ ହିଁ କୌଣସି ଘଟଣା ଘଟିବାର ଆଧାର ହୋଇଥାଏ ।


ଯଦି ଆଜି ଆମେ ସୁଖୀ ଅଥବା ଦୁଃଖୀ ଅଛେ, ତାହେଲେ ଏହା ଅତୀତରେ ଆମ ଦ୍ୱାରା କରାଯାଇଥିବା କର୍ମଗୁଡ଼ିକର ପରିଣାମ ଅଟେ ଏବଂ ଭବିଷ୍ୟତରେ ଆମେ ସୁଖ ବା ଦୁଃଖ ଯେଉଁ ସ୍ଥିତିରେ ରହିବା, ତାହା ମଧ ବର୍ତ୍ତମାନରେ ଆମ ଦ୍ୱାରା କରାଯାଇଥିବା କର୍ମଗୁଡ଼ିକର ପରିଣାମ ହେବ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

ବର୍ଷ ୨୯, ସଂଖ୍ୟା - ୪୬, ୧୬ - ୨୨ ନଭେମ୍ବର ୨୦୨୫

# ବିଜେଡି, କଂଗ୍ରେସକୁ ସତର୍କ ଘଣ୍ଟି

'ବିଜେଡିରେ ପ୍ରାର୍ଥୀଙ୍କର କିଛି ଗୁରୁତ୍ୱ ନାହିଁ । ଯିଏ ଯେଉଁଠି ପ୍ରାର୍ଥୀ ହେଲେ ବି କିଛି ଫରକ ପଡ଼େ ନାହିଁ । କାହିଁକି ନା ଭୋଟ ନବୀନ ପଟ୍ଟନାୟକ ଓ ଶଙ୍ଖ ଚିହ୍ନ ନାଁରେ ଅଛି ।' ଏମିତି ଏକ ଭୁଲ୍ ଧାରଣାରୁ ବିଜେଡି ଏବେ ବି ମୁକୁଳି ପାରିନାହିଁ । ୨୦୨୪ରେ ଏହି ଧାରଣାକୁ ନେଇ ରଣନୀତି କରି ବହୁ ନିର୍ବାଚନ ମଣ୍ଡଳୀରେ ଦଳ ବିଫଳ ହେଲା । ଆଉ ନୂଆପଡ଼ାରେ ବି ସେହି ଭୁଲର ପୁନରାବୃତ୍ତି କଲା । ବିଜେଡି ପ୍ରଥମ ଥର ପାଇଁ ନିର୍ବାଚନରେ ତୃତୀୟ ସ୍ଥାନକୁ ଖସିଗଲା । ନବୀନଙ୍କ ଯାଦୁ କାମ କଲାନି । ନବୀନଙ୍କ ନାଁରେ ଯେ ଆଉ ଭୋଟ ନାହିଁ, ତାହା ପ୍ରମାଣିତ ହେଲା । ଜାତୀୟସ୍ତରରେ ବିଜେପିର ପ୍ରମୁଖ ପ୍ରତିଦ୍ୱନ୍ଦୀ ହେଲା କଂଗ୍ରେସ । ଓଡ଼ିଶାରେ ବି କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ଭୂମିକାରେ ଓହ୍ଲାଇଛି ବୋଲି ଏକ ଧାରଣା ସୃଷ୍ଟି ହୋଇଛି । ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ସକ୍ରିୟ ହୋଇଛି ସତ, କିନ୍ତୁ ଭୋଟ ରାଜନୀତିରେ କଂଗ୍ରେସର ପ୍ରଦର୍ଶନରେ ଆଦୌ ଉନ୍ନତି ହୋଇନାହିଁ । ନିର୍ବାଚନୀ ରଣନୀତିରେ କଂଗ୍ରେସର ବିଫଳତା ଯେ ଜାରି ରହିଛି, ଏହା ନୂଆପଡ଼ାରୁ ସ୍ପଷ୍ଟ ହୋଇଗଲା । ନୂଆପଡ଼ା ଉପନିର୍ବାଚନର ଫଳାଫଳକୁ ନେଇ ରାଜନୈତିକ ମହଲରେ ଏମିତି ଅଙ୍କ କଷାଯାଉଛି । ଏହି ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କର ଏକପାଖିଆ ବିଜୟ ହୋଇଛି । ସାଧାରଣତଃ ଉପନିର୍ବାଚନର ଫଳାଫଳ ଶାସକ ଦଳ ସପକ୍ଷରେ ଯାଏ । ନିକଟ ଅତୀତରେ ଯେତେ ଉପନିର୍ବାଚନ ହୋଇଛି, ସେଥିରୁ ଗୋଟିଏକୁ ଛାଡ଼ି ଦେଲେ ସବୁବେଳେ ଶାସକ ଦଳର ବିଜୟ ହୋଇଥିଲା । ନୂଆପଡ଼ାରେ ବି ତାହାର ପୁନରାବୃତ୍ତି ହେବ ବୋଲି ଆରମ୍ଭରୁ ଆଭାସ ମିଳିଥିଲା । ବିଜେଡିର ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରି ବିଜେପି ଏକ ଅଭେଦ୍ୟ ରଣନୀତି ପ୍ରସ୍ତୁତ କରୁଥିବାର ଜଣାପଡ଼ିଥିଲା । କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟର ସବୁ ମନ୍ତ୍ରୀ ଓ ୫୦ରୁ ଅଧିକ ବିଧାୟକ ନୂଆପଡ଼ାରେ ରହି ପ୍ରଚାରରେ ସାମିଲ ହୋଇଥିଲେ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବି ପ୍ରଚାର କରିଥିଲେ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ନିଜେ ଉପସ୍ଥିତ ରହି ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ଓ ଶାସନକୁ ଆସିଲା ପରେ ପ୍ରଥମ ଅଗ୍ନିପରୀକ୍ଷାରେ ବିଜେପି ଭଲ ପ୍ରଦର୍ଶନ କରିଛି । ତେବେ ବିଜେପିର ବଡ଼ ବିଜୟକୁ ନେଇ ସାଧାରଣରେ ଯେତିକି ଚର୍ଚ୍ଚା ହେଉନି, ବିଜେଡି ଓ କଂଗ୍ରେସର ଦୁର୍ବଳ ରଣନୀତି ଓ ଶୋଚନୀୟ ପ୍ରଦର୍ଶନକୁ ନେଇ ଅଧିକ ତର୍ଜମା ହେଉଛି । ୨୦୨୪ରେ କ୍ଷମତାଚ୍ୟୁତ ହେଲା ପରେ ବିଜେଡି ପ୍ରଥମ ନିର୍ବାଚନକୁ ସାମନା କଲା । କିନ୍ତୁ ଜୟ ଢୋଲକିଆ ବିଜେପିକୁ ଡେଇଁଲା ପରେ ଦଳରେ ପ୍ରାର୍ଥୀ ସଙ୍କଟ ଦେଖାଦେଇଥିଲା । ନୂଆପଡ଼ାରେ ଏକାଧିକ ଆଶାୟୀ ଥିଲେ ମଧ ଦଳ ଅତାବିରାରୁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଆଣି ପ୍ରାର୍ଥୀ କଲା । ଏମିତିରେ ସ୍ନେହାଙ୍ଗିନୀଙ୍କର ନୂଆପଡ଼ାରେ ନିଜର କିଛି ପ୍ରଭାବ ନାହିଁ କି ଭୋଟରଙ୍କୁ ଆକର୍ଷିତ କଲା ପରି ବ୍ୟକ୍ତିତ୍ୱ ନାହିଁ ଓ ତାଙ୍କୁ ପ୍ରାର୍ଥୀ ଘୋଷଣା କଲା ବେଳେ ଆକଳନ କରାଯାଉଥିଲା ଯେ ବିଜେଡି ନିଶ୍ଚିତ ତୃତୀୟରେ ରହିବ । ତେବେ ବିଜେଡିର ଆଗଧାଡ଼ିର ନେତାମାନେ ନୂଆପଡ଼ାରେ ଡେରା ପକାଇ ସ୍ନେହାଙ୍ଗିନୀଙ୍କ ପ୍ରଚାର ଅଭିଯାନକୁ ଆଖିଦୃଶିଆ କରିଦେଇଥିଲେ । ପ୍ରଚାରରେ ବିଜେପିର ପାଖାପାଖି ରହିଥିଲା ବିଜେଡି । କିନ୍ତୁ ଭୋଟରେ ତାହା ରୂପାନ୍ତରିତ ହୋଇପାରି ନ ଥିଲା । ମୁଖ୍ୟମନ୍ତ୍ରୀ ଥିଲା ବେଳେ ଗତ ୧୦ ବର୍ଷରେ ଯେତେ ଉପନିର୍ବାଚନ ହୋଇଛି, ସେଠାକୁ ପ୍ରଚାର କରିବାକୁ ନିଜେ ନବୀନ ଯାଇନାହାନ୍ତି । କିନ୍ତୁ ଏଠାରେ ନବୀନଙ୍କ ଭାବମୂର୍ତ୍ତିକୁ ବାଜିରେ ଲଗାଗଲା । ଦୁଇ ଦୁଇ ଥର ନବୀନ ନୂଆପଡ଼ା ଯାଇ ପ୍ରଚାର କଲେ । ବୟସାଧିକ ଯୋଗୁଁ ତାଙ୍କର ଶାରୀରିକ ଅସୁସ୍ଥତା ବାରି ହୋଇପଡୁଥିଲା । ତାହା ସତ୍ତ୍ୱେ ନବୀନ ନୂଆପଡ଼ା ଗଲେ । ବିଜେଡିର ଧାରଣା ଥିଲା ଯେ ନବୀନଙ୍କ ପ୍ରତି ଲୋକଙ୍କର ସମ୍ବେଦନଶୀଳତା ରହିବ । ନବୀନ ହାତ ହଲେଇଲେ ଭୋଟ ବର୍ଷା ହୋଇଯିବ । ହେଲେ ଏହି ଧାରଣା ଭୁଲ୍ ପ୍ରମାଣିତ ହୋଇଛି । ନବୀନଙ୍କୁ ଦେଖିବା ପାଇଁ ଲୋକଙ୍କର ଆଗ୍ରହ ଥିଲା ସତ, କିନ୍ତୁ ନବୀନଙ୍କ ନାଁରେ ଯେ ଆଉ ଭୋଟ ନାହିଁ, ତାହା ନୂଆପଡ଼ା ଜନାଦେଶ ଇଙ୍ଗିତ ଦେଉଛି । ଜୟ ଢୋଲକିଆ ବିଜେପିରେ ମିଶିଲା ପରେ ବିଜେଡି ହଠାତ୍ ତାଙ୍କୁ ବ୍ୟକ୍ତିଗତ ଆକ୍ରମଣ ଆରମ୍ଭ କରିଦେଲା । ସେ ରାଜୁ ଢୋଲକିଆଙ୍କ ପାଳିତ ପୁଅ ବୋଲି କହି ଦଳର ବରିଷ୍ଠ ନେତାମାନେ ବୟାନବାଜି କରି ଚାଲିଲେ । କିନ୍ତୁ ତାହା ଗ୍ରହଣୀୟ ହେଲା ନାହିଁ । କିଛି ନେତା ବିଜେପି ପ୍ରାର୍ଥୀ ଚୋରି କରିଛି ବୋଲି ପ୍ରଚାର କଲେ । ନିଜେ ନବୀନ ମଧ ନିର୍ବାଚନୀ ମଞ୍ଚରେ ସେହି କଥାକୁ ଦୋହରାଇଲେ । ଜୟଙ୍କ ବେଇମାନି କଥା ଉଠାଇଲେ । କିନ୍ତୁ ପ୍ରାର୍ଥୀ ଚୋରି ଓ ବେଇମାନି ପ୍ରସଙ୍ଗରେ ବିଜେଡି ବ୍ୟାକ୍‌ଫୁଟ୍‌ରେ ରହିଗଲା । ବିଜେପୁର ଉପନିର୍ବାଚନରେ ଦିବଂଗତ କଂଗ୍ରେସ ବିଧାୟକଙ୍କ ପତ୍ନୀଙ୍କୁ ପ୍ରାର୍ଥୀ କରିବା ଓ ୨୦୧୯ରେ କାକଟପୁରରେ ବିଜେପି ପ୍ରାର୍ଥୀଙ୍କୁ ନେଇ ବିଜେଡି ଟିକେଟ୍ ଦେବା ଆଦି ପ୍ରସଙ୍ଗ ବିଜେପି ଉଠାଇ ବିଜେଡିକୁ ଘାଇଲା କଲା । ତେଣୁ ଏହି ରଣନୀତିଟି ବିଜେଡି ପାଇଁ ବୁମେରାଂ ସାବ୍ୟସ୍ତ ହେଲା ବୋଲି ବହୁ ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି । କଂଗ୍ରେସର ରଣନୀତି ମଧ ବିଫଳ ସାବ୍ୟସ୍ତ ହୋଇଛି । ନିର୍ବାଚନ ପ୍ରକ୍ରିୟାର ବହୁ ପୂର୍ବରୁ ଘାସିରାମ ମାଝୀ କଂଗ୍ରେସ ପ୍ରାର୍ଥୀ ହେବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଥିଲେ । ବିଜେପି ଓ ବିଜେଡିଠାରୁ ନିର୍ବାଚନୀ ପ୍ରସ୍ତୁତିରେ କଂଗ୍ରେସ ଆଗରେ ଥିଲା । କିନ୍ତୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲା ପରେ ଯେତେବେଳେ ପ୍ରଚାର ମଇଦାନ କମ୍ପିଲା, ସେତେବେଳେ କଂଗ୍ରେସ ପଛରେ ପଡ଼ିଗଲା । ଘାସିରାମ ବ୍ୟକ୍ତିଗତ ଭାବେ ଘରକୁ ଘର ବୁଲି ପ୍ରଚାର କରୁଥିଲେ ବି ସାମୂହିକ ପ୍ରଚାର ଆଦୌ ଆଖିଦୃଶିଆ ହେଲା ନାହିଁ । ସ୍ଥିତି ଏମିତି ହେଲା ଯେ ଦେଢ଼ ବର୍ଷ ତଳେ ଘାସିରାମ ସ୍ୱାଧୀନ ଭାବେ ଯେତିକି ଭୋଟ ପାଇଥିଲେ ଏବେ ଦଳୀୟ ପ୍ରାର୍ଥୀ ହୋଇ ବି ତାହାଠାରୁ ଯଥେଷ୍ଟ କମ୍ ଭୋଟ ପାଇଲେ । ନୂଆପଡ଼ା ବିଧାନସଭା ଆସନ କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀରେ ଯାଉଥିବାରୁ ଭକ୍ତଙ୍କର ଏଠାରେ ଦଖଲ ବି ଥିଲା । କିନ୍ତୁ ତାଙ୍କ ପ୍ରଭାବ କିମ୍ବା ରଣନୀତି କିଛି କାମ ଦେଲାନି । ଭକ୍ତ ନିଜେ ବ୍ୟକ୍ତିଗତ ଭାବେ ଏଠାରେ କଂଗ୍ରେସର ମଙ୍ଗ ଧରିଥିବାରୁ ବିଫଳତା ପାଇଁ ତାଙ୍କୁ ହିଁ ଦାୟୀ କରାଯାଉଛି । ଲୋକଙ୍କୁ କଂଗ୍ରେସ ଆଡ଼କୁ ଆକର୍ଷିତ କରି ତାହାକୁ ଭୋଟରେ ପରିଣତ କରିବା ପାଇଁ କଂଗ୍ରେସକୁ ଆହୁରି ଅଧିକ ପରିଶ୍ରମ କରିବାର ଅଛି, ତାହା ସ୍ପଷ୍ଟ ହୋଇଛି ।



# ଇନ୍ଦ୍ରିୟଗୁଡିକର ନିୟନ୍ତ୍ରଣ

## ମହାତ୍ମା ଗାନ୍ଧୀ

**କେ**ବଳ ପଶୁପ୍ରବୃତ୍ତିଗୁଡିକୁ ନିୟନ୍ତ୍ରଣରେ ରଖିବାକୁ ବ୍ରହ୍ମଚର୍ଯ୍ୟ ପାଳନ କରିବାର ସମତୁଲ ବୋଲି ବିଚାର କରାଯାଇଛି । ଏହି ଧାରଣାଟିକୁ ମୁଁ ଅପୂର୍ଣ୍ଣ ଏବଂ ଭୁଲ୍ ବୋଲି ବିଚାରୁଛି । ବ୍ରହ୍ମଚର୍ଯ୍ୟ ହେଉଛି ଇନ୍ଦ୍ରିୟର ସକଳ ଅଙ୍ଗଗୁଡିକ ଉପରେ ନିୟନ୍ତ୍ରଣ ଅର୍ଜନ କରିବା । ଯିଏ କେବଳ ଗୋଟିଏ ଅଙ୍ଗ ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁ ଚେଷ୍ଟା କରୁଥାଏ ଓ ଅନ୍ୟଗୁଡିକୁ ହୁଗୁଳା ହେବାକୁ ଛାଡି ଦେଇଥାଏ, ତାହାର ଚେଷ୍ଟା ଅବଶ୍ୟ ବିଫଳ ହୋଇଯିବ ।

କାନଦ୍ୱାରା ଉଦ୍ଦୀପକ କାହାଣୀଗୁଡିକୁ ଶ୍ରବଣ କରିବା, ଆଖିଦ୍ୱାରା ଉଦ୍ଦୀପକ ଦୃଶ୍ୟମାନ ଦେଖିବା, ଜିହ୍ୱାଦ୍ୱାରା ଉତ୍ତେଜକ ଆହାରର ସ୍ୱାଦଲାଭ କରିବା, ହାତଦ୍ୱାରା ଉତ୍ତେଜକ ବସ୍ତୁଗୁଡିକୁ ସ୍ପର୍ଶ କରିବା ଏବଂ ଏଣେ ଯୁଗପତ ଭାବରେ, ବାକି କେବଳ ଗୋଟିଏ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁ ଆଶା ପୋଷଣ କରିବା ଏହାକୁ ନିଆଁ ଭିତରେ ନିଜର ହାତକୁ ରଖି ତଥାପି ସେହି ହାତ ପୋଡିଯିବ ନାହିଁ ବୋଲି ଆଶା କରିବାର ସମାନ ବୋଲି କୁହାଯିବ । ତେଣୁ, ଯେଉଁ ବ୍ୟକ୍ତି କୌଣସି ଗୋଟିକୁ ନିୟନ୍ତ୍ରଣରେ ରଖିବ ବୋଲି ସଂକଳ୍ପ ଗ୍ରହଣ କରିଛି, ତାହାକୁ ଅବଶିଷ୍ଟ ସବୁଗୁଡିକ ଉପରେ ମଧ ସେହିପରି ନିୟନ୍ତ୍ରଣ ଅର୍ଜନ କରିବାର ସଂକଳ୍ପ ରଖିବାକୁ ପଡିବ । ମୁଁ ସର୍ବଦା ଏହିପରି ଅନୁଭବ କରି ଆସିଛି ଯେ, ଅତ୍ୟନ୍ତ ସଂକୀର୍ଣ୍ଣଭାବରେ ବ୍ରହ୍ମଚର୍ଯ୍ୟର ସଂଜ୍ଞା ବାହାର କରି ପ୍ରଭୂତ କ୍ଷତି କରାଯାଇଛି । ଯଦି ଆମେ ଏକାବେଳକେ ସବୁ ଦିଗରେ ନିୟନ୍ତ୍ରଣର ଅଭ୍ୟାସ କରିବା, ତେବେ ସେହି ଉଦ୍ୟମକୁ ବୈଜ୍ଞାନିକ ବୋଲି କୁହାଯିବ ଏବଂ ସେଥିରେ ସଫଳ ହେବା ସମ୍ଭବ ହେବ । ସମ୍ଭବତଃ, ଆମର ଜିହ୍ୱା ହେଉଛି ସବୁଠାରୁ ବଡ଼ ଅପରାଧୀ । ଜଣେ ସ୍ଥିତପ୍ରଜ୍ଞ ବ୍ୟକ୍ତିର କେଉଁସବୁ ଲକ୍ଷଣ ରହିଥାଏ ? ସେ ଆପଣାର ଇନ୍ଦ୍ରିୟଗୁଡିକୁ ଇନ୍ଦ୍ରିୟଲବ୍ଧ ବସ୍ତୁଗୁଡିକରୁ ଆତ୍ମାରୂପକ ଢ଼ାଲର ପଶ୍ଚାତକୁ ପ୍ରତ୍ୟାହୃଦ କରି ନେଇଥାଏ, ଗୋଟିଏ କଚ୍ଛପ ଯେପରି ଆପଣାର ଅଙ୍ଗପ୍ରତ୍ୟଙ୍ଗକୁ ନିଜର ଖୋଳ ଭିତରକୁ ପ୍ରତ୍ୟାହୃତ କରିନିଏ, ଠିକ୍ ସେହିପରି । ଯେଉଁ ବ୍ୟକ୍ତିର ପ୍ରଜ୍ଞା ସ୍ଥିର ହୋଇ ନ ଥାଏ, ସେ କ୍ରୋଧ, ମନ୍ଦ ଭାବନା ଏବଂ ଦୁର୍ବଚନର କବଳରେ ପଡିଯିବାକୁ ଉନ୍ମୁକ୍ତ ହୋଇ ରହିଥାଏ । ଅନ୍ୟ ପକ୍ଷରେ ଜଣେ ସ୍ଥିତପ୍ରଜ୍ଞ ପ୍ରଶଂସା ଅଥବା ନିନ୍ଦା ଆଗରେ ସମାନଭାବରେ ଅବିଚଳ ହୋଇ ରହିଥାଏ । ସେ ଉପଲବ୍ଧି କରିଥାଏ ଯେ, ଯେଉଁ ଜିହ୍ୱା ନିନ୍ଦାବାକ୍ୟ କହେ, ନିନ୍ଦାବାକ୍ୟ ଦ୍ୱାରା ସେହି ଜିହ୍ୱା ହିଁ ଦୂଷିତ ହୁଏ, ଯାହାକୁ ଲକ୍ଷ୍ୟ କରି ନିନ୍ଦାବାକ୍ୟର ଉଚ୍ଚାରଣ କରାଯାଏ, ସେହି ବ୍ୟକ୍ତି ତଦ୍ୱାରା ଆଦୌ ଦୂଷିତ ହୁଏ ନାହିଁ । ତେଣୁ, ଜଣେ ସ୍ଥିତପ୍ରଜ୍ଞ ବ୍ୟକ୍ତି କଦାପି କାହାରି ମନ୍ଦ ପାଞ୍ଚେ ନାହିଁ, ବରଂ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ନିଜର ଶତ୍ରୁର ମଙ୍ଗଳ ପାଇଁ ମଧ ପ୍ରାର୍ଥନା କରୁଥାଏ ।

# ବବୁର ବୃକ୍ଷ ଲଗାଇଲେ... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଭାରତୀୟ ସଂସ୍କୃତିରେ ଚିତ୍ରଗୁପ୍ତର କଳ୍ପନା କରାଯାଇଛି, ଯିଏ ପ୍ରତି ମୁହୂର୍ତ୍ତରେ ମନୁଷ୍ୟର ଭଲ-ମନ୍ଦ କର୍ମଗୁଡ଼ିକର ଲେଖାଯୋଖା କରିଥାଏ ଏବଂ ସେହି ଆଧାରରେ ତାକୁ ସ୍ୱର୍ଗ (ସୁଖ) ଅଥବା ନରକ (ଦୁଃଖ)ର ପ୍ରାପ୍ତି ହୋଇଥାଏ । ଏହି ଚିତ୍ରଗୁପ୍ତ ସମ୍ବନ୍ଧୀୟ ଆଲଙ୍କାରିକ କଥନରେ ଗଭୀର ସତ୍ୟତା ଓ କର୍ମ ରହସ୍ୟ ଲୁଚି ରହିଛି । ବସ୍ତୁତଃ ମନୁଷ୍ୟର ମନ, ମନୁଷ୍ୟର ଚିତ୍ତ ହିଁ ଚିତ୍ରଗୁପ୍ତ, ଯିଏ ମନୁଷ୍ୟର କର୍ମଗୁଡ଼ିକର ଲେଖାଯୋଖା କରିଥାଏ ଏବଂ ସମୟ ଆସିଲେ ମନୁଷ୍ୟ ପାଇଁ ସୁଖ- ଦୁଃଖ ପ୍ରକଟ କରିଥାଏ ।

ମନୁଷ୍ୟର ମନରେ, ଚିତ୍ତରେ ତା'ର ସମସ୍ତ ଶୁଭ– ଅଶୁଭ କର୍ମର ସୂକ୍ଷ୍ମରେଖାଗୁଡ଼ିକ ଅଙ୍କିତ ହୋଇଥାଏ ଏବଂ ରେଖାଗୁଡ଼ିକ ସମୟ ଆସିଲେ ସୁଖ ଓ ଦୁଃଖ ରୂପେ ପ୍ରକଟ ହୁଏ । କର୍ମର ରେଖାଗୁଡ଼ିକ ଫଳ ପ୍ରକଟ ନ କରି ରହେ ନାହିଁ, ଦୂର ହୁଏ ନାହିଁ । ପାପ-ପୁଣ୍ୟର ସମସ୍ତ କର୍ମର ଫଳ ନିୟତ ସମୟରେ ଅବଶ୍ୟ ମିଳିଥାଏ । କର୍ମର ତିନିଟି ଶ୍ରେଣୀ ରହିଛି- ସଞ୍ଚ, ପ୍ରାରବ୍ଧ ଓ କ୍ରିୟମାଣ । ଏ ତିନି ପ୍ରକାର କର୍ମର ସଞ୍ଚୟ ମନୁଷ୍ୟର ଚିତ୍ତରେ ନିରନ୍ତର ହେଉଥାଏ । ମନୁଷ୍ୟର ଅନ୍ତଶ୍ଚେତନା ଏଭଳି ନିରପେକ୍ଷ, ନିର୍ମଳ, ନ୍ୟାୟଶୀଳ ଓ ବିବେକବାନ୍, ଯିଏ ପର- ଆପଣାର ଭେଦ ନ କରି ସତ୍ୟନିଷ୍ଠ ନ୍ୟାୟାଧୀଶ ପରି ଭଲ-ମନ୍ଦ କାର୍ଯ୍ୟ, କର୍ମଗୁଡ଼ିକର ବିବରଣ ଅଙ୍କିତ କରିଥାଏ ଏବଂ ସମୟ ଆସିଲେ ତାହାକୁ ମନୁଷ୍ୟର ଜୀବନରେ ସୁଖ ଓ ଦୁଃଖ ରୂପେ ପ୍ରକଟ କରିଥାଏ । ନାଚାର ହୋଇ ମନ ବିରୁଦ୍ଧରେ ଯେଉଁ କାର୍ଯ୍ୟ କରିବାକୁ ପଡ଼େ, ସେଗୁଡ଼ିକୁ ସଞ୍ଚ କର୍ମ କୁହାଯାଏ । ଯେଉଁ କାର୍ଯ୍ୟ ବିବଶତାରେ ଚାପ ପଡ଼ିବା ଯୋଗୁଁ ଅସହାୟ ଅବସ୍ଥାରେ କରିବାକୁ ପଡ଼େ, କିନ୍ତୁ ମନର ଆନ୍ତରିକ ଇଚ୍ଛା ଥାଏ ଯେ ବିବଶତା ଯଦି ନ ଥାଆନ୍ତା, ତେବେ ଏହି କାର୍ଯ୍ୟ କଦାପି କରନ୍ତି ନାହିଁ, ଏଭଳି ନାଚାର ସ୍ଥିତିରେ କରାଯାଇଥିବା କର୍ମଗୁଡ଼ିକୁ ସଞ୍ଚିତ କର୍ମ କହନ୍ତି । ଏହି ସଞ୍ଚିତ କର୍ମଗୁଡ଼ିକର ସଂସ୍କାର ବହୁତ ଦୁର୍ବଳ ଓ ହାଲୁକା ହୋଇଥାଏ । ସେଥିପାଇଁ ମନୋଭୂମିରେ ସେଗୁଡ଼ିକ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ପଡ଼ି ରହେ । ଯଦି ଏଗୁଡ଼ିକୁ ପ୍ରକଟ ହେବାର କୌଣସି ସୁଯୋଗ ନ ମିଳେ ତେବେ ସେମିତି ଚାପିହୋଇ ପଡ଼ି ରହିଥାଏ । ଯଦି ସେହି ସଞ୍ଚ ସଂସ୍କାରଗୁଡ଼ିକୁ ଲଗାଏତ ବିପରୀତ ସ୍ୱଭାବର ବଳବାନ୍ କର୍ମ ସଂସ୍କାରଗୁଡ଼ିକ ସହିତ ରହିବାକୁ ପଡ଼େ ତେବେ ସେଗୁଡ଼ିକ ନଷ୍ଟ ମଧ ହୋଇଯାଏ ।

ଆମର ଭଲ ଓ ମନ୍ଦ, ଦୁଇ ପ୍ରକାର ସଞ୍ଚ କର୍ମ ସଂସ୍କାର ଅନୁକୂଳ ପରିସ୍ଥିତି ପାଇ ଫଳଦାୟକ ହୋଇଥାଏ ଏବଂ ତୀବ୍ର ପ୍ରତିକୂଳ ପରିସ୍ଥିତିରେ ନଷ୍ଟ ବି ହୋଇଯାଏ । ପ୍ରାରବ୍ଧ ସେହି ମାନସିକ ସତ୍ତ୍ୱେ କର୍ମଗୁଡ଼ିକୁ କହନ୍ତି, ଯାହା ସ୍ୱେଚ୍ଛାପୂର୍ବକ ଜାଣି–ବୁଝି ତୀବ୍ର ଭାବନା ଦ୍ୱାରା ପ୍ରେରିତ ହୋଇ ବିଶେଷ ମନୋଯୋଗ ପୂର୍ବକ କରାଯାଇଥାଏ । ତେଣୁ ଏଗୁଡ଼ିକର ସଂସ୍କାର ବହୁତ ବଳବାନ୍ ହୋଇଥାଏ । କର୍ମ ପରିପାକ ହୋଇ ଫଳରେ ପରିଣତ ହେଲେ ତାହାକୁ ପ୍ରାରବ୍ଧ କୁହାଯାଏ ।

କ୍ରିୟମାଣ କର୍ମ ଶାରୀରିକ ଅଟେ, ଯାହାର ଫଳ ପ୍ରାୟ ସଙ୍ଗେ ସଙ୍ଗେ ମିଳିଥାଏ, ଯେଉଁ ଶାରୀରିକ କର୍ମଗୁଡ଼ିକ ପଛରେ କୌଣସି ମାନସିକ ସମସ୍ୟା ନ ଥାଏ, କେବଳ ଶରୀର ଦ୍ୱାରା ଶରୀର ପାଇଁ ହିଁ କରାଯାଏ, ସେଗୁଡ଼ିକ କ୍ରିୟମାଣ ବୋଲାଏ । ଏହିପରି ସମସ୍ତ କର୍ମର ଫଳ ଅବଶ୍ୟ ମିଳିଥାଏ । କେତେ ସମୟ ଓ କେତେ ଦିନରେ ଫଳ ମିଳିବ, ଏ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ । କର୍ମଫଳ ଆଜି, କାଲି, ପରଦିନ, ମାସ, ବର୍ଷ ବା ଜନ୍ମାନ୍ତରରେ ବି ମିଳିପାରେ, କିନ୍ତୁ ତାହା ଅବଶ୍ୟ ମିଳିବ– ଏହା ସୁନିଶ୍ଚିତ, କିନ୍ତୁ ଧ୍ୟାନ ଦେବା ଯୋଗ୍ୟ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଳସ୍ୟ, ପ୍ରମାଦ, ନିଷ୍କ୍ରିୟତା କାରଣରୁ ଏବଂ ସଠିକ୍ ଦିଶାରେ ସମ୍ୟକ୍ ପ୍ରୟାସ ଓ ପୂର୍ବ ପୁରୁଷାର୍ଥ ନ କରିବା କାରଣରୁ, ପୁରୁଷାର୍ଥରେ ଅବହେଳା କାରଣରୁ ଯେଉଁ ଅସଫଳତା ମିଳେ, ତାହାକୁ କଦାପି ପ୍ରାରବ୍ଧ ଫଳ କୁହାଯାଇ ପାରିବ ନାହିଁ । ଏହିପରି ଆମେ ଦେଖୁଥାଉ ଯେ କର୍ମର ଫଳ ମିଳିବା ଅବଶ୍ୟମ୍ଭାବୀ, ସୁନିଶ୍ଚିତ । ଗୀତା ଅନୁସାରେ କର୍ମ କରିବା ଆମ ହାତରେ ଅଛି, କିନ୍ତୁ ସେହି କର୍ମର ଫଳ ଆମ ହାତରେ ନାହିଁ ଆମକୁ କର୍ମ କରିବାର ସ୍ୱତନ୍ତ୍ରତା ମିଳିଛି, କିନ୍ତୁ ମନ୍ଦ କର୍ମ କରି ଭଲ ଫଳ ପ୍ରାପ୍ତ କରିବାର ସ୍ୱତନ୍ତ୍ରତା ମିଳି ନାହିଁ । ଆମ କର୍ମର ପ୍ରକୃତି ଅନୁସାରେ ଆମକୁ ସୁଖ ଅଥବା ଦୁଃଖ ରୂପେ ଫଳ ପ୍ରାପ୍ତ ହେବ । ଏଣୁ ଆମେ ମନ୍ଦ କର୍ମଗୁଡ଼ିକ ଠାରୁ ସର୍ବଦା ଦୂରେଇ ରହିବା ଏବଂ ସର୍ବଦା ଶୁଭ କର୍ମ, ପୁଣ୍ୟ କର୍ମ, ଉତ୍ତମ କର୍ମ କରିବା ଉଚିତ, ଯଦ୍ୱାରା ଆମକୁ ସୁଖ ପ୍ରାପ୍ତ ହେବ, ଏଥରେ ବୁଦ୍ଧିମତ୍ତା ରହିଛି । ଏହା ସହିତ ଆମେ ଶୁଭ କର୍ମ, ପୁଣ୍ୟ କର୍ମ ମଧ ସୁଖ ପ୍ରାପ୍ତିର ଆଶାରେ କରିବା ନାହିଁ, ଏହା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଅନ୍ୟଥା ସୁଖ ପ୍ରାପ୍ତିର ଆଶାରେ କରାଯାଇଥିବା କର୍ମର ସଂସ୍କାର ମଧ ମୋକ୍ଷ, ମୁକ୍ତିରେ ବାଧକ ହୋଇଥାଏ, ବନ୍ଧନ ହୋଇଥାଏ । ଏଣୁ ଆମେ ନିଷ୍କାମ ଭାବରେ କର୍ମ କରିବା ଉଚିତ । ନିଜର ପ୍ରତ୍ୟେକ କର୍ମ ଈଶ୍ୱରଙ୍କୁ ହିଁ ଅର୍ପଣ କରୁଥିବା ଦରକାର । ପ୍ରତ୍ୟେକ ଶୁଭ କର୍ମକୁ କର୍ତ୍ତାପଣର ଭାବନାରୁ ମୁକ୍ତ ହୋଇ, କର୍ମଫଳ ପ୍ରତି ଅନାସକ୍ତ ହୋଇ କରିବା ଆବଶ୍ୟକ । ଏହା ଦ୍ୱାରା ସୁଖ-ଦୁଃଖ, ଅସଫଳତା- ସଫଳତା ଉଭୟ ସ୍ଥିତିରେ ଆପଣ ସମଭାବ ଓ ସମତ୍ୱର ସ୍ଥିତିରେ ରହିବେ ଏବଂ ସୁଖ-ଦୁଃଖରୁ ଊର୍ଦ୍ଧ୍ୱକୁ ଯାଇ ଆନନ୍ଦର ସ୍ଥିତିରେ ରହିବେ । ଫଳର ଇଚ୍ଛା ନ ରଖି ଓ କର୍ତ୍ତାପଣର ଭାବନାରୁ ରହିତ ହୋଇ କରାଯାଇଥିବା କର୍ମ ହିଁ ଈଶ୍ୱରଙ୍କୁ ଅର୍ପଣ ହୋଇଥାଏ ଏବଂ ଏପରି କର୍ମ କର୍ତ୍ତାକୁ ଭଗବାନଙ୍କ ସହିତ ଯୋଡ଼ିଦିଏ । ଏପରି କର୍ମଯୋଗ ହୋଇଯାଏ । ତେଣୁ ଏପରି କର୍ମକୁ କର୍ମଯୋଗ କହନ୍ତି ଏବଂ କର୍ମଯୋଗ କରୁଥିବା ବ୍ୟକ୍ତିକୁ କର୍ମଯୋଗୀ କହନ୍ତି । କର୍ମଯୋଗ ଦ୍ୱାରା ଆମେ ସଞ୍ଚିତ, ପ୍ରାରବ୍ଧ ଓ କ୍ରିୟମାଣ କର୍ମଗୁଡ଼ିକରୁ ଉତ୍ପନ୍ନ କର୍ମ ସଂସ୍କାରଗୁଡ଼ିକର ନାଶ କରି ନିଜ ପାଇଁ ମୋକ୍ଷ, ମୁକ୍ତି ଓ ଆନନ୍ଦର ଦ୍ୱାର ଖୋଲି ପାରିବା । ଏଣୁ ଆମେ ମଧ କର୍ମଯୋଗ କରି କର୍ମଯୋଗୀ ହେବା ଉଚିତ ।

## ସ୍ୱର୍ବେଦ

**ସବ ଦେଓ୍ୱାଁ କେ ଅନ୍ତରେ, ସବ ଦେଓ୍ୱାଁ କେ ପାର ।**
**ଜୀଓ୍ୱନ ସର୍ଓ୍ୱ ଅଧାର ହୈ, ପରମ ତତ୍ତ୍ୱ ସବ ସାର ।।୫୪।।**


ଭାଷ୍ୟ - ସମସ୍ତ ଦେବଙ୍କର ଅନ୍ତରାତ୍ମା ଏବଂ ସମସ୍ତ ଦେବତାମାନଙ୍କର ଉର୍ଦ୍ଧ୍ୱରେ, ସମସ୍ତଙ୍କର ଜୀବ ଆଧାର ପରମ ତତ୍ତ୍ୱ ଅନ୍ତର୍ଯାମୀ ସ୍କମ୍ଭ ଅଟନ୍ତି ।

**ବାରହ ଜହାଁ ଆଦିତ୍ୟ ହୈଁ, ରୁଦ୍ର ଏକାଦଶ ଓ୍ୱାସ ।**
**ସ୍ଥିତ ଓ୍ୱସୁ ଗଣ ଆଠ ହୈ, ଲୋକ ଅନନ୍ତ ନିଓ୍ୱାସ ।।୫୫।।**

ଭାଷ୍ୟ - ଯେଉଁଠି ଦ୍ୱାଦଶ ଆଦିତ୍ୟ, ଏକାଦଶ ରୂଦ୍ର ତଥା ଅଷ୍ଟ ବସୁ ସ୍ଥିତ ଅଛନ୍ତି ଏବଂ ଯେଉଁଠି ଅନନ୍ତ ବ୍ରହ୍ମାଣ୍ଡ ନିବାସ କରୁଅଛି ।

**ଭୁତ ଭଓ୍ୱିଷ୍ୟମୟ ସୃଷ୍ଟି ହୈ, ଜେହି ଅସ୍କମ୍ଭ ଅଧାର ।**
**ଜଡ଼ ଚେତନ ଜଗଦାତମା, ସଂଚାଲକ ସଂସାର ।।୫୬।।**

ଭାଷ୍ୟ - ଯେଉଁଠି ଅତୀତ ଏବଂ ଭବିଷ୍ୟତର ସମସ୍ତ ସୃଷ୍ଟି ସ୍ଥିତ ହୋଇଛି, ସେହି ସ୍କମ୍ଭଙ୍କୁ କୁହନ୍ତୁ କି ସେ କେଉଁ ଦେବତା ଅଟନ୍ତି ? ଜଡ଼ ଚେତନ ସମସ୍ତ ଜଗତର ଆତ୍ମା,




ସଂସାରର ସଂଚାଳକ ସର୍ବାଧାର ସ୍କମ୍ଭ ଅଟନ୍ତି ।

**ଜିସକେ ପରମ ଭଣ୍ଡାର କା, ରକ୍ଷିତ ତୈଁତିସ ଦେଓ୍ୱ ।**
**ସଦା ତୁ ସର୍ଓ୍ୱ ପ୍ରକାର ସେ, ପିୟ ନ ପାଓ୍ୱ କୋଇ ଭେଓ୍ୱ ।।୫୭।।**

ଭାଷ୍ୟ - ଯାହାଙ୍କର ପରମ ଭଣ୍ଡାରର ତେତିଶ ଦେବତା ସର୍ବଦା ଏବଂ ସମସ୍ତ ପ୍ରକାରେ ରକ୍ଷା କରିଥାନ୍ତି, ମାତ୍ର ସେହି ପରମ ନିଧିଙ୍କର ଭେଦକୁ କେହି ଜାଣି ପାରନ୍ତି ନାହିଁ, ନା ସେହି ଅମୃତକୁ ପାନ କରିଛନ୍ତି ।

**ଉସ ନିଧି କୋ ପର ଆଜ ଅବ, ମୈଁ ଜାନତ ସବ ଭାଁତି ।**
**ୟହ ମହିମା ଗୁରୁଦେଓ୍ୱ କୀ, ଗୁପ୍ତ ପ୍ରକଟ ତତ ଭାତି ।।୫୮।।**

ଭାଷ୍ୟ - ସେହି ପରମ ନିଧିକୁ ମୁଁ ଆଜି ପୂର୍ଣ୍ଣ ରୀତିରେ ଜାଣିପାରିଛି । ଏହା ଗୁରୁଦେବଙ୍କର ମହିମା ଅଟେ, ଯାହାଙ୍କର ଦ୍ୱାରା ଗୁପ୍ତ ଏବଂ ପ୍ରକଟ ସମସ୍ତ ତତ୍ତ୍ୱ ପୂର୍ଣ୍ଣ ରୀତିରେ ପ୍ରତ୍ୟକ୍ଷ ପ୍ରାପ୍ତ ଏବଂ ଅନୁଭବ ହୋଇଥାଏ । ସଦ୍‌ଗୁରୁବିହୀନ କେହି ମଧ୍ୟ ପରମ ତତ୍ତ୍ୱକୁ ଜାଣି ପାରନ୍ତି ନାହିଁ, ନା ସେହି ପୂର୍ଣ୍ଣାନନ୍ଦ ରସକୁ ପାନ କରି ପାରନ୍ତି । ଏହି ପରମାନନ୍ଦଙ୍କର କେହି ସଦ୍‌ଗୁରୁ ଚରଣସେବୀ, ଅନୁରାଗୀ ଭକ୍ତ ହିଁ ଉପଭୋଗ କରିଥାନ୍ତି ।

**ତୈଁତିସ ଜାହି ଶରୀର ମେଁ, ବଁଟେ ଅଓ୍ୱୟଓ୍ୱ ସମାନ ।**
**ବ୍ରହ୍ମଓ୍ୱେତ୍ତା କୋଇ ଜାନହୀଁ, ତୈଁତିସ ଦେଓ୍ୱନ ଜ୍ଞାନ ।।୫୯।।**

ଭାଷ୍ୟ - ଯାହାର ଶରୀରରେ ତେତିଶ ଦେବତା ଅବୟବ ସମାନ ବାଣ୍ଟି ହୋଇ ରହିଛନ୍ତି କେହି ବ୍ରହ୍ମବେତ୍ତା ଏହି ତେତିଶ ଦେବତାମାନଙ୍କ ସମ୍ପର୍କରେ ଜ୍ଞାନ ରଖନ୍ତି ।

**ହିରଣ୍ୟଗର୍ଭ କୋ ଲୋଗ ସବ, ପରମ ତତ୍ତ୍ୱ କର ଜାନ ।**
**ଉସ ହିରଣ୍ୟଓ୍ୱର ଓ୍ୱୀର୍ଯ୍ୟ ସେ, ଆଗେ ପୁରୁଷ ମହାନ ।।୬୦।।**

ଭାଷ୍ୟ - ସମସ୍ତ ଲୋକ ହିରଣ୍ୟଗର୍ଭଙ୍କୁ ହିଁ ପରମ ତତ୍ତ୍ୱ ବୋଲି ଜାଣନ୍ତି, ମାତ୍ର ସେହି ହିରଣ୍ୟବର ବୀର୍ଯ୍ୟରୁ ମହାନ୍ ପୁରୁଷ ଆଗରେ ଅଛନ୍ତି ।

**ହିରଣ୍ୟଗର୍ଭ କେ ପୂର୍ଓ୍ୱ ମେଁ, ଇସ ଲୋକ କେ ବୀଚ ।**
**ପରମ ଦେଓ୍ୱ ଅସ୍କମ୍ଭ ନେ, ଆଦି ଓ୍ୱୀର୍ଯ୍ୟ କୋ ସୀଚ ।।୬୧।।**

ଭାଷ୍ୟ - ହିରଣ୍ୟଗର୍ଭ ପୂର୍ବରୁ ଏହି ଲୋକରେ ପରମଦେବ ସ୍କମ୍ଭ ପ୍ରାରମ୍ଭରେ ତେଜୋମୟ ବୀର୍ଯ୍ୟର ସିଞ୍ଚନ କରିଥିଲେ ।

**ସକଲ ଲୋକ ଅସ୍କମ୍ଭ ମେଁ, ତପ ରତ ସ୍ଥିତ ଜାହି ।**
**ମୈଁ ଦ୍ରଷ୍ଟା ତୁମ୍ହକୋ ଲଖୁଁ, ପରମ ମହାନିଧି ଜାହି ।।୬୨।।**

ଭାଷ୍ୟ - ସ୍କମ୍ଭରେ ସମସ୍ତ ଲୋକ, ତପ ଓ ଋତ ସ୍ଥିତ ଅଛନ୍ତି । ମୁଁ ଦ୍ରଷ୍ଟା ହୋଇ ତୁମକୁ ସାକ୍ଷାତକାର କରିବି କାହିଁକି ନା ସେହି ପରମ ଐଶ୍ୱର୍ଯ୍ୟବାନ ପରଂବ୍ରହ୍ମଙ୍କ ଠାରେ ସମସ୍ତ ଜଗତ ପୂର୍ଣ୍ଣ ରୀତିରେ ସ୍ଥିତ ହୋଇଅଛି ।

## ବହୁ ଉପକାରୀ କଲମ ଶାଗ



ଶାଗ ଏକ ପୁଷ୍ଟିକର ଖାଦ୍ୟ । ଶାଗ ଖାଇଲେ ଦୃଷ୍ଟିଶକ୍ତି ଭଲ ରହିବ ବୋଲି ଆମେ ପିଲାଦିନୁ ଶୁଣି ଆସିଛୁ । ଏହା ସତ ମଧ୍ୟ । ସଜନା ଶାଗ, କୋଶଳା ଶାଗ, ହଡ଼ା ଶାଗ ଭଳି କଲମ୍ବ ନାମକ ଏକ ଶାଗ ଅଛି । କଲମ ଶାଗ ଖାଇବା ଶରୀର ପାଇଁ ବହୁତ ଉପଯୋଗୀ ।

ଏହି ଶାଗ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ କର୍କଟ ନିରୋଧ ଭାବେ କାମ କରିଥାଏ । ଯୁବତୀ ଓ ମହିଳାମାନେ ନିୟମିତ ଏହି ଶାଗ ଖାଇଲେ ତ୍ୱଚାରେ ଏକ ଚମକ ଆସିଥାଏ । ଯକୃତ ଜନିତ ସମସ୍ୟା ଦୂର କରିବାରେ ଏହି ଶାଗ ଅତ୍ୟନ୍ତ ଉପାଦେୟ ହୋଇଥାଏ ।

ମଧୁମେହ ରୋଗୀମାନେ ଏହି ଶାଗକୁ ନିୟମିତ ରୂପେ ଖାଇଲେ ଉପଶମ ଲାଭ କରିଥାନ୍ତି ।

କଲମ୍ବ ଶାଗ ଖାଇଲେ କେଶର ଘନତ୍ୱ ବଢ଼ି ଥାଏ ।

ନିଦ୍ରାହୀନତା ଦୂର କରିବାରେ ସହାୟକ ହୋଇଥାଏ ଏହି ଶାଗ ।

ଭିଟାମିନ୍ ଏ ଅଧିକ ମାତ୍ରାରେ ଥିବାରୁ ଚକ୍ଷୁ ପାଇଁ ଏହା ଅତ୍ୟନ୍ତ ଉପାଦେୟ ଅଟେ ।

ଏହି ଶାଗକୁ ଦହି ଏବଂ ଭାତ ସହ ମିଶାଇ ଖାଇବା ଦ୍ୱାରା ଜୀର୍ଣ୍ଣ ଶକ୍ତି ବୃଦ୍ଧି ପାଇଥାଏ ।

ଶରୀରରେ ଥିବା ରକ୍ତକଣିକା ପରିମାଣ ମଧ ଏହି ଶାଗ ଖାଇବା ଦ୍ୱାରା ବୃଦ୍ଧି ପାଇଥାଏ ।

କଲମ ଶାଗ ପତ୍ରକୁ ସିଝାଇ ସେହି ପାଣିକୁ ପିଇଲେ କୋଷ୍ଠକାଠିନ୍ୟ ରୋଗ ଦୂର ହୋଇଥାଏ ।

## ମହାନତାର ପଥ

ନିଜ ଭିତରର ମହାନତାକୁ ଜାଗ୍ରତ କରି ପାରିଲେ ପ୍ରତ୍ୟେକ ବ୍ୟକ୍ତି ମହାନ୍ ହୋଇ ପାରିବ । ଆମ ସମସ୍ତଙ୍କ ଅନ୍ତରର ଭୂମି ଉର୍ବର ହୋଇଥାଏ । ମହାନତାର ବୀଜ ମଧ ଏଠାରେ ପଡ଼ିଥାଏ । ଯିଏ ଏହାକୁ ଅଙ୍କୁରିତ କରିନିଏ, ସେ ମହାନତାର ଶ୍ରେଣୀରେ ଆସି ଠିଆ ହୋଇଯାଏ । ସାଧାରଣରୁ ଅସାଧାରଣ ହେବାର କାହାଣୀ ମଧରେ ଏଇ ଛୋଟିଆ ଅନ୍ତରଟି ରହିଛି । ଏହା ମଧ ମହାପୁରୁଷଙ୍କ ଗଢ଼ିବାର ପ୍ରକ୍ରିୟା ଅଟେ ।

ଜଣେ ଅଳ୍ପ ବୟସର ବାଳକ ଥିଲା । ସେ ଗରିବ ଥିଲା । ଜୀବିକା ପାଇଁ କାଠ ବିକ୍ରି କରୁଥିଲା । ଦିନେ ମୁଣ୍ଡ ଉପରେ କାଠବିଡ଼ା ଲଦିଥିବା ସେହି ବାଳକ ଉପରେ ଜଣେ ଶେଠଙ୍କର ଦୃଷ୍ଟି ପଡ଼ିଲା । ସେ ତା'ର କାଠବିଡ଼ାକୁ ଚାହିଁ ରହିଥିଲେ । ସେ ଆଉ ରହି ପାରିଲେ ନାହିଁ, ବାଳକକୁ ପଚାରି ଦେଲେ- 'ଏଇ ବିଡ଼ାକୁ କିଏ ବାନ୍ଧିଛି ? 'ଆଜ୍ଞା ମୁଁ' ବାଳକ କହିଲା ।

ଶେଠ ଚମକି ପଡ଼ିଲେ, ପଚାରିଲେ – 'ତୁମେ କ'ଣ ଆଉ ଥରେ ସେହିପରି ବିଡ଼ା ବାନ୍ଧି ପାରିବ ?' 'ହଁ, ହଁ କାହିଁକି ନୁହେଁ ? କହି ବାଳକ ବିଡ଼ାଟି ଖୋଲିଦେଇ ଆଉ ଥରେ ସେହି ଢଙ୍ଗରେ ସୁନ୍ଦର ଭାବରେ ବାନ୍ଧିଦେଲା । ଶେଠ ସେହି ବାଳକର ପ୍ରତିଭା, ନିଷ୍ଠା ଓ ସରଳତାର ପ୍ରଶଂସକ ପାଲିଟିଗଲେ । ତାକୁ ନିଜ ସାଙ୍ଗରେ ନେଇଗଲେ ଏବଂ ତା'ର ସମୁଚିତ ଶିକ୍ଷାର ବ୍ୟବସ୍ଥା କଲେ । ବଡ଼ ହୋଇ ସେହି ପିଲା ୟୁନାନର ମହାନ୍ ଦାର୍ଶନିକ ପିଥାଗୋରସ ହୋଇଗଲା ।

ମହାନତା ଏକ ପ୍ରତୀକ ମାତ୍ର । ଯିଏ ଖବରରେ ରହେ, ଯାହାକୁ ସମସ୍ତେ ଜାଣିଥାନ୍ତି, ସେପରି ବ୍ୟକ୍ତି ଯେ ମହାନ୍ ହେବ, ଏହା ଜରୁରୀ ନୁହେଁ । ବାସ୍ତବରେ ମହାନତାର ଝଲକ ସେହି ପିଲା ମଧରେ ମିଳିଥାଏ, ଯିଏ ନିଜେ ଅନୁଶାସିତ ଏବଂ ନିଜର ବଡ଼ମାନଙ୍କ ଠାରୁ ବି ଏହି ଆଶା କରିଥାଏ । ସେହି ଚାକରାଣୀ ବି ମହାନ୍ତି, ଯିଏ ମାତାପିତାଙ୍କ ଅନୁପସ୍ଥିତିରେ ଶିଶୁକୁ ମା'ର ବାତ୍ସଲ୍ୟ ଦେଇଥାଏ, ତା'ର ଯନ୍ତ୍ର ନେବାର ଦାୟିତ୍ୱ ନେଇଥାଏ ।

ସଡ଼କ ଉପରେ ଚାଲୁଥିବା ସେହି ଯୁବକ ବି ମହାନତାର ଶ୍ରେଣୀରେ ଆସି ଠିଆ ହୋଇଥାଏ, ଯିଏ ନିଜର ସମୟ ଓ ପଇସାର ପରବାୟ ନ କରି କୌଣସି ଅଭାବଗ୍ରସ୍ତର ସାହାଯ୍ୟ ପାଇଁ ଆଗେଇ ଆସେ । ଏଭଳି ଉଦାହରଣଗୁଡ଼ିକର ଅଭାବ ନାହିଁ, ଯାହା ଆମକୁ ପ୍ରତ୍ୟେକ ବ୍ୟକ୍ତି ମଧରେ ମହାନତାର ଦର୍ଶନ କରାଇଥାଏ । ଯିଏ ମହାନତାର ଏଭଳି ଲକ୍ଷଣଗୁଡ଼ିକୁ ଜୀବନ ସାରା ବଜାୟ ରଖେ, ସେ ଦିନେନା ଦିନେ ମହାନତାର ଶିଖରକୁ ଛୁଇଁଥାଏ ।

ଦାର୍ଶନିକ କନ୍ ଫ୍ଲାଶି ୟସଙ୍କ ଅନୁସାରେ ଯିଏ ସାଧାରଣ, ସିଏ ବି ମହାନ୍ । ମହାନତା ଆମ ବିଚାରରେ ଅଛି, ଆମ ଭିତରେ ବାସ କରେ । ସାଧାରଣ ପୃଷ୍ଠଭୂମିରୁ ବାହାରି ବଡ଼ ଲକ୍ଷ୍ୟକୁ ହାସଲ କରିଥିବା ବ୍ୟକ୍ତିମାନଙ୍କର ପ୍ରଶଂସା କରିବାରେ ଆମେ ଥକିଯାଇ ନ ଥାଉ, ସହସା ନିଷ୍କର୍ଷ ବାହାର କରିନେଉ ଯେ ସେମାନେ ଅସାଧାରଣ, ତେଣୁ ଏପରି ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚି ସମସ୍ତଙ୍କ ପକ୍ଷେ ସହଜ ନୁହେଁ । ଏପରି ଲୋକଙ୍କୁ ଭାଗ୍ୟବାନ୍ ମଧ କୁହାଯାଏ । ଅନ୍ୟମାନଙ୍କୁ ସ୍ୱତନ୍ତ୍ର କହିବା ବା ଭାଗ୍ୟବାନ୍ କହିବାର ଏହି ପ୍ରବୃତ୍ତି ଆମକୁ ଆମର ପ୍ରୟାସଗୁଡ଼ିକ ଉପରେ ବିଶ୍ୱାସ କରିବାକୁ ଦିଏ ନାହିଁ । ଯଦି ଆପଣ ଭାଗ୍ୟକୁ ପରୀକ୍ଷା କରିକରି ଥକିଯିବେ ତ ନିଜକୁ ପରଖିବା ଆରମ୍ଭ କରନ୍ତୁ ।

ମହାପୁରୁଷଙ୍କ ଜୀବନ ଅଲଗା ହୋଇ ନଥାଏ । ଜଣେ ସାଧାରଣ ମନୁଷ୍ୟର ପରିସ୍ଥିତି ଯେପରି ହୋଇଥାଏ, ସେମାନଙ୍କ ଜୀବନର ପରିସ୍ଥିତି ମଧ ସେପରି ହୋଇଥାଏ, ବରଂ କେତେ ଥର ଅପେକ୍ଷାକୃତ ଅଧିକ ବିକଟ ହୋଇଥାଏ । ଆହୁରି ମଧ ଯେଉଁମାନେ ବି ପ୍ରଶଂସାର ଯୋଗ୍ୟ ହୋଇଛନ୍ତି, ସେମାନେ ମହାନ୍ ହେବେ ବୋଲି ଭାବି କେବେ କୌଣସି କାମ କରି ନ ଥିବେ ।

ଇଂରେଜ ରାଜନୀତିଜ୍ଞ ଓ୍ୱିନଷ୍ଟନ ଚର୍ଚ୍ଚିଲ ମହାନତାକୁ ସ୍ପଷ୍ଟ ଶବ୍ଦରେ ପରିଭାଷିତ କରିଛନ୍ତି– ଏଠାରେ କେହି ଜନ୍ମଜାତ ରୂପେ ବଡ଼ ବା ମହାନ୍ ହୋଇ ଜନ୍ମ ନେଇ ନାହିଁ । ଯେଉଁମାନେ ବି ନିଜ ପ୍ରତି ଦାୟିତ୍ୱବାନ୍ ହେଲେ, ନିଜ ରାସ୍ତାରେ ଚାଲିଲେ, ସେମାନେ ହିଁ ମହାନ୍ ହୋଇ ପାରିଲେ । ମହାନତାର ମାତ୍ର ଏତିକି ମୂଲ୍ୟ ହେଉଛି– ଦାୟିତ୍ୱବୋଧ ।

ମହାନତାର ମାନକ ଯଦି ସ୍ଥିର କରାଯିବ ତ ଏଥିରେ ପରୋପକାରର ପ୍ରମୁଖ ସ୍ଥାନ ରହିଛି । ଗାନ୍ଧିଜିଙ୍କର ପୂରା ଜୀବନ ଏହି ସନ୍ଦେଶର ବ୍ୟାଖ୍ୟା କରି ଥାଏ । ମହାତ୍ମା ଗାନ୍ଧିଙ୍କ ମଧରେ ଯଦି ପରୋପକାରର ଭାବନା ରହି ନ ଥାଆନ୍ତା, ତେବେ ସେ ଅହିଂସା ଧର୍ମର ପାଳନ କରିପାରି ନ ଥାଆନ୍ତେ । ଉଲ୍ଲେଖନୀୟ କଥା ହେଲା, ଯେଉଁମାନେ 'ସ୍ୱ'ର ଉର୍ଦ୍ଧ୍ୱକୁ ଉଠି ଚିନ୍ତା କରନ୍ତି, ସେମାନଙ୍କ ମଧରେ ହିଂସା ଆସି ନ ପାରେ । ଏପରି ବ୍ୟକ୍ତି ସର୍ବଦା ସତ୍ୟର ମାର୍ଗରେ ଚାଲିଥାନ୍ତି । ଗାନ୍ଧିଜି ନିଜର ସମଗ୍ର ଜୀବନକୁ ସତ୍ୟର ପ୍ରୟୋଗଶାଳା କରିଦେଇଥିଲେ । ତାଙ୍କ ନାତୁଣୀ ଇଲା ଗାନ୍ଧି କହନ୍ତି– 'ସେ ସହଜାତ ଯୋଗୀ ପରି ଜୀବନଯାପନ କରୁଥିଲେ । ମୁଁ ତାଙ୍କୁ ସର୍ବଦା ପରୋପକାରରେ ବ୍ୟସ୍ତ ଥିବାର ଦେଖୁଥିଲି । ତାଙ୍କ ସିଦ୍ଧାନ୍ତ ସରଳ । ପ୍ରତ୍ୟେକ ମନୁଷ୍ୟ ନିଜ ମାର୍ଗରେ ଚାଲି ପାରିବ । ଯଦି ଆମେ ସବୁ ନିଜ ପ୍ରତି ସଟ ରହିବା, ତାହେଲେ ଏପରି ସ୍ଥିତିରେ ସହିଷ୍ଣୁତା, ମାନବତା, ଶିଷ୍ଟାଚାର, ସାଧୁତା, ସାହସ, ବିଚାରଶୀଳତା, ଦାୟିତ୍ୱବୋଧ, ବାହାଦୁରି ଭଳି ସଦ୍‌ଗୁଣ ସ୍ୱତଃ ଆସିଯାଏ । ଏଭଳି ବ୍ୟକ୍ତି ହିଁ ମହାପୁରୁଷ, ଧାର୍ମିକ, ସମାଜ ସୁଧାରକରେ ପରିଗଣିତ ହୁଏ ।

ବାସ୍ତବରେ ଯିଏ 'ସ୍ୱ'ର ଭିତରକୁ ଓହ୍ଲାଇ ପାରେ, ସେ ହିଁ 'ସ୍ୱ'ର ଉର୍ଦ୍ଧ୍ୱରେ ଥାଏ । ଅନ୍ତରରେ ଲୁଚି ରହିଥିବା ମହାନତାର ବୀଜକୁ ଅଙ୍କୁରିତ କରିବାର କୌଶଳ ସେ ଉତ୍ପନ୍ନ କରିପାରେ । ଆମ ଭିତରେ ଅମୂଲ୍ୟ ଆତ୍ମା ବିରାଜମାନ କରିଛି । ସେ ସବୁ ଜିନିଷଠାରୁ ମହାନ୍ । ଆମ ଭିତରେ ସେହି ମହାନତାର ବୋଧ ରହିବା ଉଚିତ । ବୁଦ୍ଧିମତ୍ତା ଓ ସଂବେଦନାର ସହ ଆମେ ତାହାକୁ ବିକଶିତ କରି ପାରିବା ।

## ଟିକିଏ ହସନ୍ତୁ

ଜଣେ ଲୋକ ବାଦାମ ବିକ୍ରି କରୁଥିଲା ।
**ପପୁ :** ଯାକୁ ଖାଇଲେ କ'ଣ ହେବ ?
ବାଦାମ ବିକାଳୀ: ଭଲ ବୁଦ୍ଧି ହେବ ।
**ପପୁ:** କେମିତି ?
**ବାଦାମ ବିକାଳୀ:** ଆଚ୍ଛା କହିଲ ଦେଖୁ, ଗୋଟେ କିଲୋ ଚାଉଳରେ କେତେ ଦାନା ଥାଏ ।
**ପପୁ:** ଜାଣିନି ।
ବାଦାମ ବିକାଳୀ ପପୁକୁ ବାଦାମ ଖାଇବାକୁ ଦେଲା । ପପୁ ଖାଇବା ପରେ **ବାଦାମ ବିକାଳୀ:** ଏବେ କୁହନ୍ତୁ ଏକ ଡଜନ କଦଳୀରେ କେତୋଟି କଦଳୀ ଥାଏ ?
**ପପୁ:** ବାରୋଟି ।
**ବାଦାମ ବିକାଳୀ:** ଦେଖିଲେ, ସାଙ୍ଗେ ସାଙ୍ଗେ ମସ୍ତିଷ୍କ ସକ୍ରିୟ ହେଇଗଲା । ଆଉ ଠିକ୍ ଉତ୍ତର କହିଲେ ।



× × × ×

**ରାଜେଶ ଫୋନରେ ଜଣେ ଗ୍ରାହକଙ୍କୁ:** ଆମେ ଏକ ମୋବାଇଲ୍ ମ୍ୟାରେଜ ବ୍ୟୁରୋ ଖୋଲିଛୁ । ବିବାହ ପ୍ରସ୍ତାବର ଆବଶ୍ୟକ ଥିଲେ ୧ ଚିପନ୍ତୁ, ନିର୍ବନ୍ଧ ପାଇଁ ୨ ଚିପନ୍ତୁ ଓ ବିବାହ ପାଇଁ ୩ ଚିପନ୍ତୁ ।
**ଗ୍ରାହକ :** ତେବେ ଦ୍ୱିତୀୟ ବିବାହ ପାଇଁ କ'ଣ ଚିପିବି ?
ରାଜେଶ : ପ୍ରଥମ ସ୍ତ୍ରୀର ଗଳା ।

× × × ×

ସ୍ତ୍ରୀ ହାତରେ ବେଲଣା ବାଡ଼ି ଧରି ସ୍ୱାମୀଙ୍କୁ : ଦୁଇଟା ଖାଇବ ନା ତିନିଟା ଖାଇବ ?
**ସ୍ୱାମୀ ଡ଼ରିକି :** ଆରେ କ୍ଲିୟର୍ କରିକି କୁହ କ'ଣ ?
**ସ୍ତ୍ରୀ :** କ'ଣ କ୍ଲିୟର କରିବି ? ମୁଁ ତ ପଚାରୁଛି କେତେଟା ରୁଟି ଖାଇବ ।
**ସ୍ୱାମୀ :** ଓ..ତମେ ଯେମିତି ବେଲଣା ବାଡ଼ି ଧରିକି ପଚାରୁଛ, ମୁଁ ଭାବିଲି ମାଡ଼ ।

× × × ×

**ସ୍ତ୍ରୀ ସ୍ୱାମୀଙ୍କୁ:** ତମେ ବିଟ୍ ଖାଅ ।
**ସ୍ୱାମୀ :** କାହିଁକି ?
**ସ୍ତ୍ରୀ :** ବିଟ୍ ଖାଇଲେ ରକ୍ତ ଭଲ ଲାଲ ଓ ଗାଢ ହେଇଥାଏ ।
**ସ୍ୱାମୀ :** ଓ.. ତମେ ଏବେ ରକ୍ତ ବି ହାଇ କ୍ୱାଲିଟିର ପିଇବାକୁ ଚାହୁଁଛ ?

× × × ×

**ସୋନୁ :** ବୁଝିଲୁ ମୋନୁ, ଡେଙ୍ଗା ହୋଇ ଭାରି ଅସୁବିଧା ହୋଇଗଲା ।
**ମୋନୁ:** କେମିତି ?
**ସୋନୁ:** ଯେତେବେଳେ, ଘରେ ଛାତରେ କିମ୍ବା ଉଚ୍ଚ କାନ୍ଥରେ ବୁଢ଼ିଆଣୀ ଜାଲ ହୋଇଯାଉଛି ମା' ମୋତେ ସଙ୍ଗେ ସଙ୍ଗେ କହୁଛି ସବୁଯାକ ତୁ ସଫା କରିବୁ । ସଫା କରି କରି ମୋ ଦିନ ସରିଯାଉଛି ।
**ସୋହନ :** ଦେଖ୍, ଆଜି ମୋ ପାଖରେ ଫୁଲଝରି, ତାଳଫୋଟକା, କୁମ୍ଭି, ରକେଟ୍‌ବାଣ ସବୁ କିଛି ଅଛି, ତୋ ପାଖରେ କ'ଣ ଅଛି ?
**ମୋହନ :** ତୁ ଜାଣିନୁ, ମୋ' ପାଖରେ ଏମିତି ଜିନିଷ ଅଛି, ଯାହା ଲଗାଇଲା ମାନେ ସବୁକିଛି ଖତମ୍ ଜାଣେ ।
**ସୋହନ :** ଏମିତି କ'ଣ ଅଛି ତୋ' ପାଖରେ ?
**ମୋହନ :** ମ୍ୟାଚିସ୍ ?

# ଗ୍ରୀନ୍ ଟିର ଉପକାରିତା

**ଆ**ପଣ ବ୍ଲାକ ଟି ଓ ଗ୍ରୀନ୍ ଟି ପିଇ ବୋର ହୋଇଗଲେଣି କି ? ବ୍ଲୁ ଟି ବା ନୀଳ ଚା' ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ । ଏହି ଚା' କ୍ୟାଫେନବିହୀନ ହୋଇଥିବାରୁ ଶରୀର ପାଇଁ ବହୁତ ଲାଭଦାୟକ । ଦକ୍ଷିଣ ପୂର୍ବ ଏସିଆର ଏକ ଗଛ କ୍ଲିଟୋରିଆ ଟର୍ଣ୍ଣେଟି ବା ଅପରାଜିତା ଫୁଲରୁ ଏହି ଚା' ପ୍ରସ୍ତୁତ ହୋଇଥାଏ । ଏହାର ଅନ୍ୟ ନାମ 'ବଟରଫ୍ଲାଏ ପି ଫ୍ଲାୱାର୍ସ । ଭିଏତନାମ, ବାଲି, ମାଲେସିଆ ଏବଂ ଥାଇଲାଣ୍ଡରେ ଏହା ବହୁତ ପୂର୍ବରୁ ପ୍ରଚଳିତ । ଏହି ଫୁଲକୁ ଖାଦ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯିବା ସହ ଜ୍ୱଳନ ପ୍ରଶମନ ତଥା ଚକ୍ଷୁ ରୋଗ ଦୂର କରିବା ପାଇଁ ବ୍ୟବହାର କରାଯାଇଥାଏ । ଅପରାଜିତା ଫୁଲ ଜୀବନୀଶକ୍ତି ବୃଦ୍ଧି କରିଥାଏ ବୋଲି ଚାଇନିଜମାନେ ବିଶ୍ୱାସ କରନ୍ତି । ଆୟୁର୍ବେଦରେ ଏହାକୁ ସ୍ମରଣଶକ୍ତି ବୃଦ୍ଧି ଏବଂ ଚିନ୍ତାରୁ ମୁକ୍ତି ପାଇବା ପାଇଁ ମଧ ବ୍ୟବହାର କରାଯାଏ । ଏହାର ଅନ୍ୟାନ୍ୟ ଉପକାରିତାଗୁଡିକ ମଧ ରହିଛି ।

ଏହି ଚା'ରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ପ୍ରୋଆନ୍ଥୋସ୍ୟାନିଡିନସ' । ଆମ ଶରୀରରେ କୋଷକ୍ଷୟକୁ ଠିକ୍ କରିବା ସହ ଏହା ତ୍ୱଚା ଓ ଚର୍ମ ପାଇଁ ମଧ ବେଶ୍ ଉପକାରୀ । ଏହା ଅକାଳ ବାର୍ଦ୍ଧକ୍ୟକୁ ମଧ ରୋକିଥାଏ ।

ବ୍ଲୁ ଟିରେ ଫ୍ଲାବନଏଡ୍ ଥାଏ ଯାହା ଚର୍ମର ଲୋଚାପଣକୁ ରୋକିଥାଏ । ଅପରାଜିତା ଫୁଲ କେଶ ପାଇଁ ବହୁତ ଦରକାରୀ ଏବଂ ଏହା କେଶ ମୂଳରେ ରକ୍ତ ସଂଚାଳନ ବୃଦ୍ଧି କରିଥାଏ ।

ମିଲ୍ ଖାଇବା ମଧରେ ଏକ କପ୍ ବ୍ଲୁ ଟି ପିଇବା ଦ୍ୱାରା ଏହା ଶରୀରକୁ ଯାଉଥିବା ଗ୍ଲୁକୋଜକୁ ରୋକିବା ସହ ରକ୍ତରେ ଶର୍କରା ପରିମାଣକୁ କମ୍ କରିଥାଏ । ଅପରାଜିତା ଫୁଲର ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଡାଇବେଟିସ୍ ଜନିତ ସଂକ୍ରମଣକୁ କମ୍ କରିଥାଏ । ନିୟମିତ ଏହି ଚା' ପିଇବା ଦ୍ୱାରା ହୃତପିଣ୍ଡ ସୁସ୍ଥ ରହିଥାଏ ।

ଏକ ଅଧୟନରୁ ଜଣାପଡିଛି ଯେ ଏହି ଚା' ପିଇବା ଦ୍ୱାରା ଚିନ୍ତା ଓ ଡିପ୍ରେସନରୁ ମଧ ମୁକ୍ତି ମିଳିଥାଏ । ନିୟମିତ ଏହାକୁ ପିଇବା ଦ୍ୱାରା ଫରକ୍ ଜାଣି ପାରିବେ । ଏଥିରେ ଥିବା



ଆଣ୍ଟିଅକ୍ସିଡାଣ୍ଟ ମନ ଓ ମସ୍ତିଷ୍କକୁ ତାଜା କରିଥାଏ ।

ଏଥିରେ ଥିବା ପ୍ରଚୁର ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଶରୀରର କୋଷକୁ କ୍ଷତିଗ୍ରସ୍ତ ହେବାରୁ ରକ୍ଷା କରିଥାଏ । ପ୍ରତ୍ୟହ ଏହି ଚା' ପିଇବା ଦ୍ୱାରା ଏହା ସମସ୍ତ ପ୍ରକାର କ୍ୟାନସର ଆଶଙ୍କା କମ୍ କରିଥାଏ ।

ଅପରାଜିତା ଫୁଲ ଆମ ଶରୀରରେ ଏସିଡାଇକୋଲିନ୍ ବୃଦ୍ଧିରେ ସାହାଯ୍ୟ କରିଥାଏ । ଏସିଟାଇକୋଲିନ୍ ମସ୍ତିଷ୍କରେ ଯୋଗାଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ବୟସ ବୃଦ୍ଧି ସହ ମସ୍ତିଷ୍କରେ ଏହାର ଉତ୍ପାଦନ କମି ଯାଇଥାଏ । ତେଣୁ ବ୍ଲ୍ୟୁ ଟି ପିଇବା ଦ୍ୱାରା ପର୍ଯ୍ୟାପ୍ତ ପରିମାଣରେ ଏହା ମିଳିଥାଏ ।

ଏହା ଶରୀରରେ ମେଟାବୋଲିଜିମ୍‌ର ସ୍ତରକୁ ବୃଦ୍ଧି କରିଥାଏ । ଏହା ପ୍ରାକୃତିକ ଉପାୟରେ ମୋଟାପଣ କମ୍ କରିଥାଏ । କୋଲେଷ୍ଟେରଲ କମ୍ କରିବା ସହ ଲିଭର ସମ୍ବନ୍ଧୀୟ ରୋଗ ମଧ କମ୍ କରିଥାଏ । ହୃତପିଣ୍ଡ ଓ ଧମନୀକୁ ସୁସ୍ଥ ରଖିବା ସହ ଧମନୀକୁ ସଫା ରଖିଥାଏ ଯାହା ଫଳରେ ରକ୍ତ ସଞ୍ଚାଳନ ବୃଦ୍ଧି ହୋଇଥାଏ ।

ବ୍ଲୁ ଟି ଟାଇପ୍-୨ ଡାଇବେଟିସ୍‌ରୁ ରକ୍ଷା କରିଥାଏ । ଖାଦ୍ୟ ଖାଇବାର ଏକ ଘଣ୍ଟା ପରେ କିମ୍ବା ପୂର୍ବରୁ ଏହାକୁ ପିଇବା ଦ୍ୱାରା ସୁଫଳ ପାଇବେ । ଏହି ଚା' ତିଆରି କରିବାର ଏକ ସ୍ୱତନ୍ତ୍ର ପ୍ରଣାଳୀ ଅଛି । ଏକ କପ୍ ପାଣି ନେଇ ୯୦-୧୦୦ ଡିଗ୍ରି ସେଲସିୟସରେ ଫୁଟାନ୍ତୁ । ପାଣି ଫୁଟିବା ଆରମ୍ଭ ହେଲେ ଏଥିରେ କିଛି ଅପରାଜିତା ଫୁଲର ପାଖୁଡା ପକାଇ ୩ ମିନିଟ୍ ଫୁଟାନ୍ତୁ । ରଙ୍ଗ ନୀଳ ହେଲେ ଏହାକୁ ଛାଣି ଦିଅନ୍ତୁ । ଦିନକୁ ଦୁଇଥର ବିନା ଚିନିରେ ଏହି ଚା' ପିଅନ୍ତୁ । ଯଦି ଆପଣଙ୍କୁ ମିଠା ଚା' ଦରକାର ତେବେ ଚିନି ବଦଳରେ ମହୁ ବ୍ୟବହାର କରନ୍ତୁ ।

## ଆପଣ ଜାଣନ୍ତି କି ?

- ୧୪୮୯ : ୧୨ ଜୁଲାଇରେ ଦିଲ୍ଲୀଠାରେ ଲୋଦି ସାମ୍ରାଜ୍ୟର ପ୍ରତିଷ୍ଠାତା ଭୋଲେନ ଖାନ ଲୋଦିଙ୍କର ମୃତ୍ୟୁ ହୋଇଥିଲା ।
- ୧୯୫୫ ମସିହା ୧୫ ଜୁଲାଇରେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଭାରତରତ୍ନ' ରେ ସମ୍ମାନିତ କରିଥିଲେ ।
- ୧୮୫୬ ମସିହା ୧୬ ଜୁଲାଇରେ ହିନ୍ଦୁ ପୁନର୍ବିବାହ ପ୍ରଥାକୁ ଆଇନତଃ ସମ୍ମତି ମିଳିଥିଲା ।
- ୧୯୯୭ ମସିହା ୧୭ ଜୁଲାଇରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍ କରୁଣାନିଧି ରାଜ୍ୟ ସଚିବାଳୟରେ ମାଡ୍ରାସର ନୂଆ ନାମ ଚେନ୍ନାଇ ବୋଲି ଘୋଷଣା କରିଥିଲେ ।
- ୧୯୫୫ ମସିହା ୧୯ ଜୁଲାଇରେ ଭାରତର ଅଲରାଉଣ୍ଡର କ୍ରିକେଟିୟର ରୋଗର୍ ବିନ୍ନି ଜନ୍ମ ହୋଇଥିଲେ ।
- ୧୯୪୭ ମସିହା ଜୁଲାଇ ୨୧ ରେ ଭାରତୀୟ ଜାତୀୟ ପତାକା ସମ୍ବିଧାନ ସଭାରେ ଗୃହୀତ ହୋଇଥିଲା ।
- ୧୫୮୬ ମସିହା ୨୭ ଜୁଲାଇରେ ସାର୍ ୱାଲଟର ରାଲେ ପ୍ରଥମ ଥର ପାଇଁ ଭର୍ଜିନିଆରୁ ଇଂଲଣ୍ଡକୁ ଟବାକୋ ଆଣିଥିଲେ ।
- ୧୭୪୨ ମସିହା ୨୮ ଜୁଲାଇରେ ପ୍ରୁସିଆ ଓ ଅଷ୍ଟ୍ରିଆ ମଧରେ ଶାନ୍ତି ପାଇଁ ସନ୍ଧି ହୋଇଥିଲା ।
- ୧୯୭୩ ମସିହା ୩୦ ଜୁଲାଇରେ ବଲିଉଡର ପ୍ରସିଦ୍ଧ ଗାୟକ ସୋନୁ ନିଗମ ହରିଆଣାର ଫରିଦାବାଦ ଠାରେ ଜନ୍ମ ହୋଇଥିଲେ ।
- ୧୯୧୬ ଅଗଷ୍ଟ ୧ ରେ ଲଣ୍ଡନରେ ଜନ୍ମିତ ଆନିବେସାନ୍ତ ହୋମ ରୁଲ ଲିଗର ଶୁଭାରମ୍ଭ କରିଥିଲେ ।

# ଅତ୍ୟଧିକ ନିଦ୍ରା ଓ ହୃଦ୍‌ରୋଗ

**ସୁ**ସ୍ଥ ତଥା ନୀରୋଗ ଶରୀର ପାଇଁ ନିଦ୍ରା ଅପରିହାର୍ଯ୍ୟ । ଏଥିରେ ଅନିୟମିତତା ଦେଖାଦେଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ । ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ



ଅତି କମରେ ୬-୭ ଘଣ୍ଟା ଶୋଇବା ନିହାତି ଜରୁରୀ । ହେଲେ କେତେକ ଆଳସ୍ୟତା ହେଉ ଅବା ଆଉ କେତେକ କାରଣରୁ ଆବଶ୍ୟକତା ସମୟଠାରୁ ଅଧିକ ସମୟ ଶୋଇଥାଆନ୍ତି । ଏହାର ଖରାପ ପ୍ରଭାବ ହୃତପିଣ୍ଡ ଉପରେ ପଡିଥାଏ । କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ହୃଦଶଲ୍ୟ ବିଶେଷଜ୍ଞମାନଙ୍କ ସଦ୍ୟତମ ଗବେଷଣାରୁ ଏକଥା ଜଣାପଡିଛି । ସେମାନେ ଆବଶ୍ୟକତାଠାରୁ ଅଧିକ ସମୟ ଶୋଉଥିବା କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରି ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେହି ବ୍ୟକ୍ତି ବିଶେଷଙ୍କଙ୍କ ମଧରୁ ପ୍ରାୟ ୩୦% ଙ୍କର ହୃଦଜନିତ ସମସ୍ୟା ଥିବାର ଜଣାପଡିଥିଲା । ଏହା ପଛରେ ଆବଶ୍ୟକତାଠାରୁ ଅଧିକ ଶୋଇବା ଅନ୍ୟତମ କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି ।

# ସ୍ୱାସ୍ଥ୍ୟ ପାଇଁ ହିତକର ଦ୍ୱିପ୍ରହର ନିଦ

**ଦ୍ୱି**ପ୍ରହରେ ଶୋଇବା ସ୍ୱାସ୍ଥ୍ୟ ପକ୍ଷେ ଭଲ କି ଖରାପ ? ଏହି ଦ୍ୱନ୍ଦ୍ୱରେ ପ୍ରାୟତଃ ସମସ୍ତେ ରହିଥାନ୍ତି । ଦ୍ୱିପହରେ ଖାଇବା ପରେ ଶୋଇବାକୁ କେତେକ ଭଲ କହୁଥିବା ବେଳେ ଅନ୍ୟ କେତେକଙ୍କ ମତରେ ଏହା ଶରୀର ପାଇଁ ହାନିକାରକ । ତେବେ ଏସବୁ ଦ୍ୱନ୍ଦ୍ୱର ଅନ୍ତ ଜଣାଇଛନ୍ତି ବୈଜ୍ଞାନିକ । ୟୁନିଭରସିଟି ଅଫ୍ ପେନସିଲଭାନିଆ ଦ୍ୱାରା ହୋଇଥିବା ଏକ ଗବେଷଣା ଅନୁଯାୟୀ ଦ୍ୱିପହରେ ଶୋଇବା ଶରୀର ପାଇଁ ଭଲ । ଏହାଦ୍ୱାରା ଆମ ଶରୀରର ଆଳସ୍ୟ ଦୂର ହେବା ସହ ଶରୀରର ସକ୍ରିୟତା ମଧ ବଢ଼ିଥାଏ । ଏତଦ୍ ବ୍ୟତୀତ ଦ୍ୱିପହରେ ଶୋଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ିଥାଏ । ଯାହାଦ୍ୱାରା ହୃଦରୋଗ ହେବାର ସମ୍ଭାବନା ବହୁମାତ୍ରାରେ କମିଥାଏ । କିନ୍ତୁ ଦ୍ୱିପହରେ ଶୋଇବା ପରେ ନିଦ ସମ୍ପୂର୍ଣ୍ଣ ନହୋଇ ନିଦ ଭାଙ୍ଗିଗଲେ ଏହା ଆପଣଙ୍କ ଆଳସ୍ୟକୁ କମାଇବା ପରିବର୍ତ୍ତେ ବଢ଼ାଇ ଦେଇଥାଏ । ଏଣୁ ଯେଉଁମାନେ ଦ୍ୱିପହରେ ଶୋଇବାରେ ଅଭ୍ୟସ୍ତ ନୁହଁନ୍ତି ସେମାନେ ଦ୍ୱିପହରେ ନଶୋଇବା ଭଲ ।

# ମହିଳାଙ୍କ ପାଇଁ ଲାଭକାରୀ କସୁରୀ ମେଥି

**ଯେ**ଉଁ ମହିଳାମାନେ ପେଟ ଜନିତ ସଂକ୍ରମଣ ଭୋଗ କରୁଥାନ୍ତି, ସେମାନେ କସୁରୀ ମେଥି ସେବନ କରିବା ଉଚିତ୍ । ଏହାଛଡ଼ା ଦୈନନ୍ଦିନ କସୁରୀ ମେଥିର ସେବନ ଦ୍ୱାରା ହାର୍ଟ, ଗ୍ୟାଷ୍ଟ୍ରିକ୍ ଏବଂ ପାକସ୍ଥଳୀ ସମସ୍ୟାରୁ ମଧ ଉପଶମ ମିଳିଥାଏ । ଏଥିପାଇଁ କସୁରୀ ମେଥିକୁ ଚୁରି ସେଥିରେ କିଛି ବୁନ୍ଦା ଲେମ୍ବୁ ରସ ମିଶାଇ ସେବନ କରିବା ଉଚିତ୍ ।



**ପ୍ରସବ ପରେ ଫାଇଦା :** କସୁରୀ ମେଥି ସେବନ ପ୍ରସବ ପରେ ବେଶ୍ ଫାଇଦା ଦେଇଥାଏ । ସ୍ତନ୍ୟପାନ କରାଉଥିବା ମହିଳାମାନେ କସୁରୀ ମେଥି ସେବନ କରିବା ଉଚିତ୍ । ଏଥିରେ ଥିବା ଜରୁରୀ ତତ୍ତ୍ୱ ଶିଶୁକୁ ନିରୋଗ ରଖିଥାଏ ।

**ଏନିମିଆରୁ ରକ୍ଷା :** ଭାରତରେ ପ୍ରତି ୪ ଜଣରେ ୩ ଜଣ ମହିଳା ଏନିମିଆର ଶିକାର । ଏମିତିରେ ମହିଳାଙ୍କ ପାଇଁ କସୁରୀ ମେଥି ସେବନ ବିଶେଷ ଲାଭପ୍ରଦ । ଏଥିରେ ପ୍ରଚୁର ମାତ୍ରାରେ ଆଇରନ ଥାଏ, ଯାହା ଶରୀରରେ ହିମୋଗ୍ଲୋବିନ୍ ସ୍ତର ବୃଦ୍ଧି କରେ । ତେଣୁ ଶରୀରରେ ରକ୍ତର ପରିମାଣ କମ୍ ଥିଲେ, କସୁରୀ ମେଥିକୁ ଦୈନନ୍ଦିନ ଭୋଜନ ତାଲିକାର ହେଉ ଅବା ଚୂର୍ଣ୍ଣ କରି ସେବନ କରି ପାରିବେ ।

**ହର୍ମୋନ୍ ପରିବର୍ତ୍ତନରେ ନିୟନ୍ତ୍ରଣ :** ଶରୀରରେ ଜୀବନସାରା ହର୍ମୋନ୍ ସ୍ତର ପରିବର୍ତ୍ତନ ହେଉଥାଏ । ମହିଳାଙ୍କ ଠାରେ ଏହି ପରିବର୍ତ୍ତନ ଅଧିକ ଦେଖାଯାଏ । କାରଣ ଋତୁସ୍ରାବ, ଗର୍ଭାବସ୍ଥା ଆଦି କାରଣରୁ ଶରୀରରେ ଅନେକ ପ୍ରକାର ପରିବର୍ତ୍ତନ ହୋଇଥାଏ । ଏମିତିରେ କସୁରୀ ମେଥି ସେବନ ଦ୍ୱାରା ହର୍ମୋନ୍ ପରିବର୍ତ୍ତନକୁ ନିୟନ୍ତ୍ରଣରେ ରଖିହେବ ।

**ଶର୍କରା ନିୟନ୍ତ୍ରଣ କରେ :** ମଧୁମେହରେ ଆକ୍ରାନ୍ତ ହେଲେ ଶରୀର ପ୍ରତି ଅଧିକ ଯତ୍ନଶୀଳ ହେବା ଦରକାର । କାରଣଏ ସମୟରେ ଖାଦ୍ୟପେୟରେ ସାମାନ୍ୟ ଅସନ୍ତୁଳନ ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ଅନିୟନ୍ତ୍ରିତ ହୋଇଥାଏ । ଏହାକୁ ନିୟନ୍ତ୍ରଣରେ ରଖିବାକୁ କସୁରୀ ମେଥି ବେଶ୍ ସାହାଯ୍ୟ କରିଥାଏ । ଏଥିରେ ଥିବା ଆଣ୍ଟି ଅକ୍ସିଡାଏବିଟିକ୍ ଗୁଣ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିଥାଏ । ଏହା ଟାଇପ୍-୨ ଡାଏବିଟିସ୍ ସମ୍ଭାବନାକୁ ମଧ ହ୍ରାସ କରିଥାଏ ।

# କହିପାରିବେ କି ?

୧) 'ଦ ଟେଷ୍ଟ ଅଫ୍ ମାଇ ଲାଇଫ' ପୁସ୍ତକର ରଚୟିତା କିଏ ?

(୨) ଏକ୍ସରସାଇଜ୍ ବ୍ରାଇଟ୍ ଷ୍ଟାର୍ କେଉଁ ଦେଶରେ ଆୟୋଜିତ ଏକ ବହୁରାଷ୍ଟ୍ରୀୟ ସମରାଭ୍ୟାସ ?

(୩) ବାର୍ଡ ଫ୍ଲୁ ସୃଷ୍ଟି କରୁଥିବା ଏଚ୍ ୫ ଏନ୍ ୧ ଭୂତାଣୁ ସମ୍ପର୍କରେ ସର୍ବପ୍ରଥମେ କେବେ ଜଣାପଡିଲା ?

(୪) ନିକଟରେ ଭାରତର କେଉଁ ରାଜ୍ୟକୁ ଶତପ୍ରତିଶତ କୋଭିଡ୍-୧୯ ଟିକାକରଣ କରାଇଥିବା ପ୍ରଥମ ରାଜ୍ୟ ଭାବେ ଘୋଷଣା କରାଯାଇଛି ?

(୫) ସୁରକ୍ଷା ପରିଷଦରେ ମୋଟ୍ କେତେଜଣ ସଦସ୍ୟ ଅଛନ୍ତି ?

(୬) ସ୍ୟାଣ୍ଡେଲ ପିକ୍ ରାଷ୍ଟ୍ରୀୟ ଉଦ୍ୟାନ କେଉଁ କେନ୍ଦ୍ରଶାସିତ ଅଞ୍ଚଳରେ ରହିଛି ?

(୭) ଭଗବାନ ଶ୍ରୀକୃଷ୍ଣଙ୍କ ରଥର ନାମ କ'ଣ ?

(୮) ଏସିଆ ମହାଦେଶର ସବୁଠୁ ଛୋଟ ଦେଶର ନାମ କ'ଣ ?

(୯) ହିନ୍ଦୀ ଦିବସ କେବେ ପାଳନ କରାଯାଏ ?

(୧୦) 'ଦିଲ୍ଲୀ ଚଲୋ' ନାରା କିଏ ଦେଇଥିଲେ ?

## JUMBLE WORDS

| | | | |
|---|---|---|---|
| 1) GAHUCT | = | 6) NUFEDO | = |
| 2) RLETEN | = | 7) TRYID | = |
| 3) POTLI | = | 8) TOMOT | = |
| 4) KROEP | = | 9) GYRBU | = |
| 5) GEMTNA | = | 10) PTNUI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ୧୭୭୦, ୨.ଟୋକୋଫେରୋଲ, ୩. ଆନ୍ଧ୍ର ପ୍ରଦେଶ, ୪. ଜନ୍ ମାଥାଇ, ୫.ଫ୍ରାନ୍ସ, ୬.ଗଜନୀ, ୭. ମିସିସିପି, ୮. ସରସ୍ୱତୀ , ୯. ଅକ୍ଟୋବର ୩୧, ୧୦. ଫସ୍‌ଫରସ୍ ।

***Jumble Words*** ର ଉତ୍ତର :-

(1) SPRAIN (2) KITTEN (3) MINCE (4) STOMP (5) POLICY (6) LIMBER (7) DWELL (8) MANAGE (9) HVMID (10) PICKY

# ବିହାରରେ ଏନ୍‌ଡିଏର ବିଜୟ ମୂଳରେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ : ବିହାରରେ ଏନ୍‌ଡିଏର ବିଶାଳ ବିଜୟ ପଛରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ବଡ଼ ହାତ ରହିଛି । ରାଜ୍ୟ ନିର୍ବାଚନ ପ୍ରଭାରୀ ଭାବେ ସେ ତାଙ୍କର ଶାଣିତ ରଣନୀତି, ବ୍ୟାପକ ଅଭିଜ୍ଞତା ଓ ସମନ୍ୱୟ ରକ୍ଷା କରିବାର କଳା ବିଜେପି ତଥା ଏନ୍‌ଡିଏକୁ ଦେଇଛି ଅଭୂତପୂର୍ବ ସଫଳତା । ବିଜେପିର ଜଣେ ସୁଦକ୍ଷ ସଙ୍ଗଠକ ହେବାର ପ୍ରମାଣ ଦେଇଛନ୍ତି ଧର୍ମେନ୍ଦ୍ର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ନିଜର ସବୁଠୁ ବିଶ୍ୱସ୍ତ, ଦକ୍ଷ, ରାଜନୈତିକ ଅନୁଭବୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ଚଳିତବର୍ଷ ବିହାର ନିର୍ବାଚନୀ ପ୍ରଭାରୀ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଜେପିର ଜଣେ ଅଭିଜ୍ଞ ତଥା ଦକ୍ଷ ସଂଗଠକ ଭାବେ ପରିଚିତ । ଦେଶର ରାଜନୈତିକ ଦୃଷ୍ଟିକୋଣରୁ ଚଳିତବର୍ଷ ବିହାର ବିଧାନସଭା ନିର୍ବାଚନ ବିଜେପି ପାଇଁ ଆହ୍ୱାନ ଥିଲା । ଏହି ଆହ୍ୱାନକୁ ଧର୍ମେନ୍ଦ୍ର ଅତି ଚତୁରତାର ସହ ସେ ସଫଳତାରେ ବଦଳାଇ ଦେଇଛନ୍ତି ।

୨୦୧୦ରେ ପ୍ରଥମ ଥର ପାଇଁ ଧର୍ମେନ୍ଦ୍ରଙ୍କୁ ବିହାରର ପ୍ରଭାରୀ ଭାବେ ଦାୟିତ୍ୱ ମିଳିଥିଲା । ଏହି କାର୍ଯ୍ୟକୁ ସେ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ୨୦୧୪ରେ ଧର୍ମେନ୍ଦ୍ରଙ୍କ ନେତୃତ୍ୱରେ ବିହାରର ରାଜନୈତିକ ଦୃଶ୍ୟପଟ୍ଟ ପରିବର୍ତ୍ତନ ହୋଇଥିଲା । ତାଙ୍କର ସଫଳ ନେତୃତ୍ୱ ପାଇଁ ଲୋକସଭା ନିର୍ବାଚନରେ ଏନଡିଏର ୩୧ ଜଣ ପ୍ରାର୍ଥୀ ବିହାରରୁ ନିର୍ବାଚିତ ହୋଇ ପାରିଥିଲେ । ୨୦୧୫ରେ ମଧ ତାଙ୍କୁ ନିର୍ବାଚନ ପ୍ରଭାରୀ ଭାବେ ଦାୟିତ୍ୱ ଦେଇଥିଲେ ତତ୍କାଳୀନ ବିଜେପି ଅଧ୍ୟକ୍ଷ ଅମିତ ଶାହ । ୨୦୨୫ରେ ମଧ ସେ ନିର୍ବାଚନ ପ୍ରଭାରୀର ଦାୟିତ୍ୱ ନେଇଥିଲେ, ଯାହା ଆଜି ଏନଡିଏ ମେଣ୍ଟର ବିଜୟର ପ୍ରତିଫଳନ ।

ବିହାରରୁ ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ ଧର୍ମେନ୍ଦ୍ର । ଏହି କାରଣରୁ ସେ ରାଜ୍ୟର ଭୋଟ୍ ରାଜନୀତିକୁ ବେଶ୍ ଭଲ ଭାବେ ବୁଝିପାରିଥିଲେ । ଚଳିତଥର ବିହାରରେ ଏନ୍‌ଡିଏର ସଫଳତା ପଛରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ ଧର୍ମେନ୍ଦ୍ର ପ୍ରଧାନଙ୍କ ଯୋଜନାବଦ୍ଧ ରଣନୀତି, ଯଥୋଚିତ ସମନ୍ୱୟ ଏବଂ ଜନସାଧାରଣଙ୍କ ସହ ଯୋଡ଼ି ହେବାର ଦକ୍ଷତା ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ଧର୍ମେନ୍ଦ୍ରଙ୍କ କ୍ଷେତ୍ରୀୟ ଅନୁଭବ, ଅଭିଜ୍ଞତା, ସହଯୋଗୀ ଦଳଗୁଡ଼ିକୁ ଏକାଠି ରଖିବାର ଦକ୍ଷତା ଏବଂ ମୋଦି ସରକାରଙ୍କ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରଭାବଶାଳୀ ରଣନୀତି ଏନଡିଏର ବିଜୟରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା । ଏହି ରଣନୀତି ତାଙ୍କୁ ଜଣେ 'ଟ୍ରବଲ୍‌ସୁଟର' ଏବଂ ଦକ୍ଷ ନିର୍ବାଚନ ରଣନୀତିଜ୍ଞ ଭାବେ ପ୍ରତିଷ୍ଠିତ କରିଛି ।

ବିହାର ନିର୍ବାଚନରେ ଏନ୍‌ଡିଏର ବିଜୟ କେବଳ ରାଜନୈତିକ ସମୀକରଣ ନୁହେଁ, ବରଂ ନେତାମାନଙ୍କ ମଧ୍ୟରେ ଥିବା ସୁସମ୍ପର୍କର ପ୍ରତିଫଳନ । ଏହି ସଫଳତାର ମୂଳରେ ଶ୍ରୀ ପ୍ରଧାନଙ୍କ ସୁଚିନ୍ତିତ ରଣନୀତି ଏବଂ ତାଙ୍କର ବ୍ୟକ୍ତିଗତ ଉଦ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୨୦୧୦ ମସିହାରୁ ଧର୍ମେନ୍ଦ୍ର ପ୍ରଧାନ ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ସୁସମ୍ପର୍କ ସ୍ଥାପନ କରିଆସିଛନ୍ତି । ଏହି ସୁସମ୍ପର୍କ ହିଁ ମେଣ୍ଟକୁ ଅତୁଟ ତଥା ସଶକ୍ତ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ଲୋକ ଜନଶକ୍ତି ପାର୍ଟି (ଏଲଜେପି)ର ସ୍ୱର୍ଗତ ରାମବିଳାସ ପାଶ୍ୱାନଙ୍କ ସହିତ ଧର୍ମେନ୍ଦ୍ର ପ୍ରଧାନଙ୍କର ମଧ ଉତ୍ତମ ସମ୍ପର୍କ ଥିଲା ଏବଂ ଏବେ ତାଙ୍କର ପୁତ୍ର ଚିରାଗ ପାଶ୍ୱାନଙ୍କ ସହ ଭଲ ସମ୍ପର୍କ ରହିଛି । ଏହି ସୁସମ୍ପର୍କ ଯୋଗୁଁ ବୁଝାମଣା ଠିକ୍ ଭାବେ ପ୍ରତିଫଳିତ ହୋଇଛି ।

ଏନ୍‌ଡିଏ ମେଣ୍ଟର ଅନ୍ୟ ନେତା ଯଥା 'ହାମ୍'ର ଜିତନରାମ ମାଁଝୀ, ଆରଏଲ୍‌ଏମ୍‌ର ଉପେନ୍ଦ୍ର କୁଶୱାହ ଏବଂ ଅନ୍ୟାନ୍ୟ ସହଯୋଗୀଙ୍କ ସହ ଧର୍ମେନ୍ଦ୍ର ପ୍ରଧାନଙ୍କର ସକ୍ରିୟ ସମନ୍ୱୟ ଓ ଉତ୍ତମ ସମ୍ପର୍କ ସମସ୍ତ ଦଳକୁ ଏକାଠି ଆଣି ବିଜୟର ମାର୍ଗ ପ୍ରଶସ୍ତ କରିଛି । ଏହି ସମସ୍ତ ବ୍ୟକ୍ତିଗତ ତଥା ରାଜନୈତିକ ସମ୍ପର୍କକୁ ସୁଦୃଢ଼ କରିବାର ରଣନୀତି ହିଁ ଏନ୍‌ଡିଏ ପାଇଁ ଏହି ବଡ଼ ସଫଳତା ଆଣିବାରେ ସହାୟକ ହୋଇଛି ।

ଧର୍ମେନ୍ଦ୍ର ପ୍ରଧାନ ସବୁବେଳେ ସଂଗଠନାତ୍ମକ କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି । ବିହାର ନିର୍ବାଚନର ପ୍ରଭାରୀ ଦାୟିତ୍ୱ ନେବା ପରେ ତୃଣମୂଳ ସ୍ତରରେ ଦଳର କାର୍ଯ୍ୟକୁ ସୁଦୃଢ଼ କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଥିଲେ । ବୁଥ କମିଟି, ଜିଲ୍ଲା କମିଟି, ରାଜ୍ୟ କମିଟିର ସଦସ୍ୟମାନଙ୍କ କାର୍ଯ୍ୟକୁ ନିୟମିତ ତଦାରଖ କରୁଥିଲେ ସେ । ସେ ଆଶାୟୀ ପ୍ରାର୍ଥୀ, ନିର୍ବାଚନ ଲଢୁଥିବା ପ୍ରାର୍ଥୀ ଓ ବରିଷ୍ଠ ନେତାଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରି ସଂଗଠନକୁ ମିଳିତ ଭାବେ ମଜଭୁତ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ ।

ଯୁବପିଢ଼ି, ମହିଳା, କୃଷକ, ଏସ୍‌ସି, ଓବିସି ସହିତ ଅନ୍ୟାନ୍ୟ ମୋର୍ଚ୍ଚା ସହ କ୍ରମାଗତ ଭାବେ ଆଲୋଚନା କରିବା ସହ ସେମାନଙ୍କ ମତକୁ ଗୁରୁତ୍ୱ ଦେଇ ସେ ଦିଗରେ କାର୍ଯ୍ୟ କରିବା ପାଇଁ ଚର୍ଚ୍ଚା କରୁଥିଲେ । ବିହାରର ଜାତିଭିତ୍ତିକ ରାଜନୀତିକୁ ଠିକ୍ ଭାବରେ ପରିଚାଳନା କରିବା ଦିଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ରଣନୀତି ବିଶେଷ ଭାବେ ସହାୟକ ହୋଇଥିଲା ।

ବିହାର ବିଧାନସଭା ନିର୍ବାଚନରେ ଯୁବ ଏବଂ ମହିଳା ଭୋଟରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ନଜିର ରହିଛି । ତେଣୁ ଏହି ବର୍ଗକୁ ଫୋକସ୍ କରିବା ପାଇଁ ତାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଥିଲା । ପ୍ରତ୍ୟେକ ବୁଥ୍ ଉପରେ ଧ୍ୟାନ ଦେବା ଏବଂ କର୍ମୀମାନଙ୍କୁ ସକ୍ରିୟ କରିବାକୁ ଏକ ମାଇକ୍ରୋ-ମ୍ୟାନେଜମେଣ୍ଟ ବ୍ୟବସ୍ଥା ହୋଇଥିଲା । ପୃଷ୍ଠଭୂମିରେ ଥାଇ ସେ କର୍ମୀ ଏବଂ ନେତାମାନଙ୍କ ସହିତ ନିରନ୍ତର ସମ୍ପର୍କରେ ରହି ନିର୍ବାଚନ ପରିଚାଳନା କରୁଥିଲେ ।

ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ନେବା ଦିନଠାରୁ ନିର୍ବାଚନ ଶେଷ ପର୍ଯ୍ୟନ୍ତ ସେଠାରେ ରହିଥିଲେ । ସେ ବୁଥକୁ ଯାଇ କାର୍ଯ୍ୟକର୍ତ୍ତାଙ୍କ ସହ ବସି ସେମାନଙ୍କ କଥା ବୁଝିଥିଲେ, ଯାହା ସଂଗଠନର କାମକୁ ଅଧିକ ଗତି ଦେଇଥିଲା । ନିର୍ବାଚନ ପାଇଁ ସଫଳ ରଣନୀତିର ଏକ ବଡ଼ ଅଂଶ ଥିଲା ସଂଘ ପରିବାର ସହିତ ସୁଦୃଢ଼ ସମନ୍ୱୟ ରକ୍ଷା କରିବା । ଯାହାକୁ ସଫଳତାର ସହ ସେ ସମ୍ପାଦନ କରିଥିଲେ ।

ବିଭିନ୍ନ ବର୍ଗର ସାମାଜିକ ସଂଗଠନ, ମଠ, ମନ୍ଦିର ସହିତ ରାଜ୍ୟ, ଜିଲ୍ଲା ଏବଂ ବିଧାନସଭା ସ୍ତରରେ ତାଙ୍କର ରଣନୀତି ସଫଳ ଭାବେ ସମନ୍ୱୟ କରାଯାଇଥିଲା, ଯାହା ନିର୍ବାଚନ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା । ନିର୍ବାଚନ ସମୟରେ ଦଳ ଭିତରେ ଅସନ୍ତୁଷ୍ଟ ନେତାମାନଙ୍କୁ ବୁଝାଇବା ଏବଂ ସେମାନଙ୍କୁ କାର୍ଯ୍ୟରେ ଲଗାଇବା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ , ସେ ସଫଳତାର ସହ ତୁଲାଇଥିଲେ ।

ମୁଖ୍ୟତଃ ଏନଡିଏ ମେଣ୍ଟରେ ବିଭିନ୍ନ ଦଳକୁ ଏକାଠି ରଖିବା ଏବଂ ସନ୍ତୁଳିତ ଆସନ ବୁଝାମଣା କରିବା ଏକ ବଡ଼ ଆହ୍ୱାନ ଥିଲା, ଯାହାକୁ ଆତ୍ମବିଶ୍ୱାସର ସହ ଉଚିତ ପରିଚାଳନା କରିଥିଲେ କେନ୍ଦ୍ରମନ୍ତ୍ରୀ । ତାଙ୍କ ତତ୍ତ୍ୱାବଧାନରେ ସିଟ୍ ବଣ୍ଟନ ସମୟରେ ବିଜେପିକୁ ୧୦୧, ଜେଡିୟୁକୁ ୧୦୧, ଏଲପି (ଆର୍)କୁ ୨୯, ଆରଏଲଏମ୍‌କୁ ୬ ଏବଂ ହାମ୍‌କୁ ୬ଟି ଆସନରେ ଲଢିବା ପାଇଁ ସଂକେତ ମିଳିଥିଲା । ଏହା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ 'ଏକ୍ସ' ପ୍ରୋଫାଇଲରେ ମଧ ପୋଷ୍ଟ ହୋଇଥଲା । ଏଭଳି ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଏହି ସିଟ ଆବଣ୍ଟନରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା ।

ଯେଉଁ ସମୟରେ କଂଗ୍ରେସ - ଆରଜେଡି ମେଣ୍ଟ ଟିକଟ୍ ଫାଇନାଲ କରିପାରୁ ନ ଥିଲେ ଏବଂ ସିଟ୍ ବଣ୍ଟନକୁ ନେଇ ସେମାନଙ୍କ ମଧ୍ୟରେ ବିରୋଧ ଦେଖା ଦେଉଥିଲା, ସେହି ସମୟରେ ଧର୍ମେନ୍ଦ୍ର ପ୍ରଧାନଙ୍କ ରଣନୀତିକୁ ରାଜନୈତିକ ବିଶେଷଜ୍ଞମାନେ ବିଜୟର ଏକ ପ୍ରଥମ ସୋପାନ ଭାବେ ଗ୍ରହଣ କରିଥିଲେ ।

ଏହାଛଡ଼ା ପ୍ରଧାନମନ୍ତ୍ରୀ ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ସମେତ କେନ୍ଦ୍ରୀୟ ନେତାମାନଙ୍କର ନିର୍ବାଚନ ସଭାଗୁଡ଼ିକୁ ସଫଳ କରାଇବାରେ ତାଙ୍କର ପରାମର୍ଶ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା । ତାଙ୍କ ରଣନୀତି ଅନୁଯାୟୀ, ଦଳ ସରକାରୀ ଯୋଜନା ଯେପରିକି ରୋଜଗାର ଓ ମହିଳା ସଶକ୍ତିକରଣ ଯୋଜନାର ସଫଳ ପ୍ରଚାର ଓ ପ୍ରସାର ପାଇଁ ଏକ ବଡ଼ ଯୋଜନା ତିଆରି କରିଥିଲା ।

ବିରୋଧୀ ମେଣ୍ଟର ଶକ୍ତି ଏବଂ ସ୍ଥାନୀୟ ଆହ୍ୱାନକୁ ସେ ସର୍ବଦା ଗୁରୁତ୍ୱ ଦେଇଥିଲେ । ବିରୋଧୀଙ୍କ 'ମହାମେଣ୍ଟ'ର ପ୍ରସଙ୍ଗଗୁଡ଼ିକୁ ବିକାଶ ଏବଂ ସୁଶାସନର ଆଧାରରେ ମୁକାବିଲା କରିବାର ରଣନୀତି ତିଆରି କରାଯାଇଥଲା । ଯେଉଁଠି ଆବଶ୍ୟକ ଥିଲା, ସେଠାରେ ସ୍ଥାନୀୟ ପ୍ରସଙ୍ଗ ଉପରେ ମଧ ଧ୍ୟାନ ଦେଇ ସଠିକ୍ ପ୍ରତିକ୍ରିୟା ଦେବାର ବ୍ୟବସ୍ଥା କରାଯାଇଥିଲା ।

କେନ୍ଦ୍ରମନ୍ତ୍ରୀ ନିଜ କାର୍ଯ୍ୟ ଦକ୍ଷତା, ରଣକୌଶଳ କାରଣରୁ ଦେଶରେ ଅଧିକାଂଶ ରାଜ୍ୟରେ ପ୍ରଭାରୀ, କିଛି ରାଜ୍ୟରେ ନିର୍ବାଚନ ପ୍ରଭାରୀ ସହିତ ବିଜେପି ଶାସିତ ସରକାରର ସଂକଟ ସମୟରେ ଗୁରୁ ଦାୟିତ୍ୱ ତୁଲାଇଆନ୍ତି । ଯେତେବେଳେ କର୍ଣ୍ଣାଟକରେ ରାଜନୈତିକ ସଂକଟ ଉପୁଜିଥିଲା, ରାଜ୍ୟ ମୁଖ୍ୟମନ୍ତ୍ରୀ ବି ଏସ୍ ୟେଦିୟୁରପ୍ପା ଇସ୍ତଫା ଦେଇଥିଲେ ଏବଂ ନୂଆ ମୁଖ୍ୟମନ୍ତ୍ରୀ ଚୟନ ଆରମ୍ଭ ହୋଇଥିଲା, ସେହି ସମୟରେ ଧର୍ମେନ୍ଦ୍ରଙ୍କୁ କର୍ଣ୍ଣାଟକର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା ।

୨୦୨୧ରେ ଉତ୍ତରପ୍ରଦେଶର ନିର୍ବାଚନୀ ପ୍ରଭାରୀ ଭାବେ ମଧ ଦଳ ତାଙ୍କୁ ଦାୟିତ୍ୱ ଦେଇଥିଲା ଏବଂ ୟୁପିରେ ସରକାର ମଧ ବିଜେପି ଗଠନ କରିଥିଲା । ୨୦୨୧ରେ ପଶ୍ଚିମବଙ୍ଗ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନନ୍ଦିଗ୍ରାମ ନିର୍ବାଚନ ମଣ୍ଡଳୀର ପ୍ରଚାର ଏବଂ ରଣନୀତିର ଦାୟିତ୍ୱ ଦିଆଯାଇଥିଲା । ଯାହାକୁ ସୁଫଳ ଭାବେ ତୁଲାଇ ଅବିଶ୍ୱସନୀୟ ଭାବେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

୨୦୨୪ ଅକ୍ଟୋବରରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହରିୟାଣାର ନିର୍ବାଚନ ପ୍ରଭାରୀର ଦାୟିତ୍ୱ ମିଳିଥିଲା । ଦେଶର ରାଜନୈତିକ ଦୃଷ୍ଟିକୋଣରୁ ଗତବର୍ଷ ହରିୟାଣା ବିଧାନସଭା ନିର୍ବାଚନ ବିଜେପି ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା । ଶ୍ରୀ ପ୍ରଧାନଙ୍କ ଦୃଢ଼ ଓ ପ୍ରଭାବଶାଳୀ ନେତୃତ୍ୱ କାରଣରୁ ହରିୟାଣା ଭଳି ରାଜ୍ୟରେ ବିଜେପି ତୃତୀୟ ଥର ପାଇଁ ସରକାର ଗଠନ କରିଥିଲା ।

ସେତିକି ନୁହେଁ, ଶ୍ରୀ ପ୍ରଧାନ ପୂର୍ବରୁ ତ୍ରିପୁରା, ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଭଳି ବିଭିନ୍ନ ରାଜ୍ୟରେ ପ୍ରଭାରୀ ଓ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଥିଲେ । ଧର୍ମେନ୍ଦ୍ରଙ୍କ ଉପରେ ପ୍ରଧାନମନ୍ତ୍ରୀଙ୍କର ଯେଉଁ ଆଶା ଏବଂ ବିଶ୍ୱାସ ଥିଲା ତାହାକୁ ସେ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଚାଷୀଙ୍କ କଲ୍ୟାଣ ପାଇଁ ସମୀକରଣ ହେଉ କିମ୍ବା ପ୍ରତ୍ୟେକ ବୁଥରେ ମହିଳାଙ୍କୁ ଦଳ ପ୍ରତି ଆକୃଷ୍ଟ କରିବା ହେଉ, ଧର୍ମେନ୍ଦ୍ର ପ୍ରଧାନଙ୍କ ରଣନୀତି ପୂର୍ଣ୍ଣାଙ୍ଗ ରୂପେ ସଫଳ ହୋଇଛି ।

## ବେଲପାହାଡ଼ରେ ସମଲେଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଝାରସୁଗୁଡ଼ା : ବେଲପାହାଡ଼ ସ୍ଥିତ ବଜାରପଡ଼ା ଠାରେ ସମଲେଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ପୂର୍ଣ୍ଣ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ସାଙ୍ଗକୁ ଭଜନ କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍.ପି ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ପ୍ରମୁଖ ଯୋଗଦେଇ ସମଲେଇଙ୍କ ଦର୍ଶନ କରିଥିଲେ । ଆୟୋଜକ କମିଟି ପକ୍ଷରୁ ଏମ୍‌ପି ପୁରୋହିତଙ୍କ ସମେତ ଭାଜପା ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମଲେଇ ମନ୍ଦିର ପ୍ରତିଷ୍ଠା କମିଟି ସହ ବିଭିନ୍ନ ବିଷୟରେ ଏମ୍.ପି ପୁରୋହିତ ଆଲୋଚନା କରିଥିଲେ । ଏଥିସହ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା ଓ ଅନ୍ୟମାନେ ମା' ସମଲେଇଙ୍କ ଦର୍ଶନ କରିଥିଲେ । ଏହି ସମୟରେ ବେଲପାହାଡ଼ ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ସତ୍ୟପ୍ରକାଶ ମହାନ୍ତି, ପ୍ରତିଷ୍ଠା କମିଟି ସଭାପତି ମନୋଜ ଅଗ୍ରୱାଲ, ସାଧାରଣ ସମ୍ପାଦକ ବିଜ୍ଞାନ ସ୍ୱାଇଁ, ଉପସଭାପତି ମକରଧ୍ୱଜ ଖମାରୀ, ପ୍ରଚଣ୍ଡ ଜୟସ୍ୱାଲ, କୋଷାଧ୍ୟକ୍ଷ ବଂଶୀଧର ପାଣିଗ୍ରାହୀ, ଉପଦେଷ୍ଟା ଗୋପୀନାଥ ବେହେରା, ରମେଶ ଚନ୍ଦ୍ର ଭୋଳ, ଧର୍ମେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରସୁଗୁଡ଼ା ଜିଲ୍ଲାକୁ ଏମ୍‌ସିଏଲ୍ ଦେବ ୫.୯୯ କୋଟି

ସମ୍ବଲପୁର : ଏମ୍‌ସିଏଲ ଝାରସୁଗୁଡ଼ା ଜିଲ୍ଲାର ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ବିକାଶ କାର୍ଯ୍ୟ ସକାଶେ ୫.୯୯ କୋଟି ଟଙ୍କା ମଞ୍ଜୁର କରିବାକୁ ସ୍ଥିର କରିଛି । ଏନେଇ ଏମ୍‌ସିଏଲ ଓ ଝାରସୁଗୁଡା ପ୍ରଶାସନ ମଧ୍ୟରେ ଦୁଇଟି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି । କମ୍ପାନୀର ସିଏସଆର ଅଧିନରେ ଶିକ୍ଷାଗତ ସୁବିଧାର ଉନ୍ନତିକରଣ, ଡିଜିଟାଲ ଶିକ୍ଷଣ ସେ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଜିଲ୍ଲା ମଧ୍ୟରେ ସାମୁଦାୟିକ ସ୍ଥାନଗୁଡ଼ିକୁ ଉନ୍ନତ କରିବା ପ୍ରମୁଖ ପ୍ରକଳ୍ପ ରହିଛି । ପ୍ରଥମ ବୁଝାମଣାପତ୍ର ଅନୁଯାୟୀ ଏମ୍‌ସିଏଲ ବ୍ରଜରାଜନଗର ମହାବିଦ୍ୟାଳୟରେ ବିଦ୍ୟୁତୀକରଣ, ଶ୍ରେଣୀଗୃହ ନିର୍ମାଣ ଏବଂ ଖଲିଆକାନି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୪.୫୦ କୋଟି ଯୋଗାଇବ । ଏଥିରେ ଜେଟି ନିର୍ମାଣ, ପଥ ବିକାଶ ରହିଛି । ସେହିପରି ଅନ୍ୟ ଏକ ବୁଝାମଣାପତ୍ରରେ ଏମ୍‌ସିଏଲ ଝାରସୁଗଡ଼ା ଜିଲ୍ଲାର ୧୩୦ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଇସିଟି ଲ୍ୟାବ ପ୍ରତିଷ୍ଠା କରିବ । ଏଥିପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନକୁ ୧.୪୯ କୋଟି ପ୍ରଦାନ କରିବ । ପ୍ରକଳ୍ପ ଡିଜିଟାଲ ସାକ୍ଷରତାକୁ ବୃଦ୍ଧି କରିବ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ରାସ ପଞ୍ଚାଧ୍ୟାୟୀ ମୁକ୍ତିର ମହୌଷଧି: କୃଷ୍ଣକେଶବ ଷଡଙ୍ଗୀ





ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଭାଗବତ ଚର୍ଚ୍ଚା






ସମ୍ବଲପୁର : ଭକ୍ତି, ଜ୍ଞାନ ଓ ବୈରାଗ୍ୟର ମହାସଙ୍ଗମ ହେଉଛି ଭାଗବତ । ଦ୍ୱାଦଶ ସ୍କନ୍ଧ ବିଶିଷ୍ଟ ଏହି ମହାପୁରାଣ ଭଗବାନଙ୍କ ବାଙ୍ମୟ ସ୍ୱରୂପ ବୋଲି ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ କହିଛନ୍ତି । ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ହୋଟେଲ ଶିଳା ଟାୱାର ଠାରେ ଆୟୋଜିତ ଦୁଇଦିନିଆ 'ଭାଗବତ ଚର୍ଚ୍ଚା'ରେ ପ୍ରବାଚକ ଡାକ୍ତର ଷଡ଼ଙ୍ଗୀ ଆହୁରି କହିଲେ ଯେ, ଶରୀରର ବକ୍ଷସ୍ଥଳ ଭଳି ଶ୍ରୀମଦ୍ ଭାଗବତରେ ଦଶମ ସ୍କନ୍ଧ ଗୁରୁତ୍ୱ ବହନ କରେ । ଏହି ଦଶମ ସ୍କନ୍ଧର ୨୯ରୁ ୩୩ ଅଧ୍ୟାୟରେ ବର୍ଣ୍ଣିତ ରାସ ପଞ୍ଚାଧ୍ୟାୟୀ ଶରୀର ହୃଦ୍‌ପିଣ୍ଡ ଭଳି ଅଧିକ ଗୌରବ ଓ ଗୁରୁତ୍ୱଯୁକ୍ତ ସତ୍ତା ଭାବରେ ଭକ୍ତ ମାନଙ୍କର ଏକାନ୍ତ ଚର୍ଚ୍ଚିତ ପ୍ରସଙ୍ଗ । ଗୋପୀମାନଙ୍କର ସଂସାର ତ୍ୟାଗ ସହ କୃଷ୍ଣାନୁସରଣର ମଧୁରତମ ଅଭିବ୍ୟକ୍ତିରେ ଆସ୍ୱାଦନୀୟ ଏହି ପ୍ରସଙ୍ଗ ପ୍ରତ୍ୟେକ କଳିହତ ଜୀବନ ପାଇଁ ମୁକ୍ତିର ମହୌଷଧି ଅଟେ ବୋଲି ଡାକ୍ତର ଷଡଙ୍ଗୀ କହିଥିଲେ ।

ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଡାକ୍ତର ଷଡ଼ଙ୍ଗୀ କହିଥିଲେ ଯେ, କୃଷ୍ଣ ପ୍ରେମରେ ଆପ୍ରାଣ ଆପ୍ଳୁତ ବ୍ରଜଗୋପିକାମାନେ ସଂସାରର ସମସ୍ତ ସମ୍ପର୍କକୁ କୃଷ୍ଣଙ୍କ ସହ ଯୋଡି ମହାରାସର ପରମାନନ୍ଦ ପ୍ରାପ୍ତ କରିବାରେ ଯେଉଁ ସମର୍ପଣର ପରାକାଷ୍ଠା ଦେଖାଇଛନ୍ତି, ତାହା ଅନନ୍ୟ, ଅନିର୍ବଚନୀୟ ଓ ଅସାଧାରଣ । ତେଣୁ କୃଷ୍ଣପ୍ରାପ୍ତି ପାଇଁ ପ୍ରେମଭକ୍ତି ହିଁ ଶ୍ରେଷ୍ଠ ମାଧ୍ୟମ ।

ଡାକ୍ତର ଷଡଙ୍ଗୀ କହିଥିଲେ ଯେ, ନିଜ ଘର, ପରିବାର, ଜ୍ଞାତିକୁଟୁମ୍ବ, ଧନାଦିକୁ ତ୍ୟାଗ କରି ଏକାଏକ ଭାବରେ କୃଷ୍ଣପ୍ରେମକୁ ଆପଣେଇଥିବା ଗୋପିମାନଙ୍କ ଅନ୍ତର୍ଭାବନାର ଅମୃତମୟ ଉଚ୍ଛ୍ୱାସ ହେଉଛି ପ୍ରଣୟ ଗୀତ । ଶ୍ରୀମଦ୍ଭାଗବତ ମହାପୁରାଣ ଅନ୍ତର୍ଗତ ଦଶମ ସ୍କନ୍ଧର ପୂର୍ବାର୍ଦ୍ଧର ୨୯ ଅଧ୍ୟାୟର ୧୧ଟି ଶ୍ଳୋକ ସମ୍ବଳିତ ଏହି ପ୍ରଣୟ ଗୀତର ସେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସାପ୍ତାହିକ 'ସ୍ୱୀକାର'ର ସମ୍ପାଦକ ହେମନ୍ତ କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ଡକ୍ଟର ନୀଳେନ୍ଦ୍ରୀ ପଣ୍ଡା, ପ୍ରାଧ୍ୟାପିକା ଡକ୍ଟର ଶ୍ରୀଲତା ମିଶ୍ର, ଡାକ୍ତର ସୁରେନ୍ଦ୍ର ପଣ୍ଡା, ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର, ଏଲ୍.ଆର୍.ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟାନନ୍ଦ ବେହେରା, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ, ସମାଜସେବୀ ଉଦ୍ଧବ ମହାପାତ୍ର ପ୍ରମୁଖ ଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।




# ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏମ୍‌ସିଏଲ୍ ପୁରସ୍କୃତ

ବୁର୍ଲା: କମ୍ପାନୀ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅଭିଯାନ, ପ୍ରସାର କାର୍ଯ୍ୟକଳାପ, ଡିଜିଟାଲ୍ ରେକର୍ଡ ପରିଚାଳନା ଏବଂ ସ୍ୱଚ୍ଛତା ଓ ସେବା ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ଜନସାଧାରଣଙ୍କ ସହଭାଗୀତାର ପଦକ୍ଷେପ ଗ୍ରହଣ କରି ଏମ୍‌ସିଏଲ୍ ଜାତୀୟସ୍ତରରେ ସମ୍ମାନିତ ହୋଇଛି । ଏମସିଏଲ ଏହାର ସମସ୍ତ କାର୍ଯ୍ୟକ୍ଷମ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା, ଜନସଚେତନତା ବୃଦ୍ଧି ଏବଂ ପଡ଼ି ରହିଥିବା ମାମଲାଗୁଡ଼ିକର ଦକ୍ଷ ସମାଧାନ ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ସ୍ୱତନ୍ତ୍ର ଅଭିଯାନ ୫,୦ ଅଧୀନରେ ପାଇଥିବା ଏହି ସ୍ୱତନ୍ତ୍ର ମୋମେଣ୍ଟୋକୁ ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଗ୍ରହଣ କରିଥିଲେ । ସେହିପରି ସଫଳ ଭାବେ ସ୍ୱଚ୍ଛତା ପକ୍ଷ ଆୟୋଜନ କରି କମ୍ପାନୀ ତୃତୀୟ ପୁରସ୍କାର ପାଇଛି । ୧୫ ଦିନ ଧରି ଚାଲିଥିବା ସ୍ୱଚ୍ଛତା ଅଭିଯାନରେ ଚାରାରୋପଣ, ପରିମଳ କାର୍ଯ୍ୟକଳାପ, ସ୍କୁଲ ସଚେତନତା କାର୍ଯ୍ୟକ୍ରମ ଏବଂ ବ୍ୟାପକ ସାମୁଦାୟିକ ଗତିବିଧିକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିଛି । କେନ୍ଦ୍ର କୋଇଲା ଏବଂ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ଉପସ୍ଥିତିରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।





Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra